ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 36 | 7 - 13 September 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ରାଜ୍ୟସ୍ତରୀୟ 'ନୂଆଁଖାଇ ଭେଟ୍‌ଘାଟ୍'









ସମ୍ବଲପୁର: ସମ୍ବଲପୁରରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଭବ୍ୟତାର ସହ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିରୋଧୀ ବିଜେଡି ଦଳର ଉପନେତାଙ୍କ ସମେତ କେତେକ ବିଧାୟକ ମଧ ଯୋଗ ଦେଇଥିଲେ । ଏହି ଅବସରରେ ନୃତ୍ୟଗୁରୁ ରଞ୍ଜନ ସାହୁ, ମହେଶ ପଟେଲ, ଦୀପାଳି ଚୌଧୁରୀ, ଦୁର୍ଗାପ୍ରସାଦ ଦାଶ ଏବଂ ମୋହିତ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ସ୍କୁଲର ୨୦୦ ଜଣ ଛାତ୍ରୀ ସମ୍ବଲପୁରୀ ଗୀତ 'ତିହାର୍ ଭିତ୍‌ରେ ରଜା ତିହାର୍ ହୋ ଆମ ନୂଆଁଖାଇ'ର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ସମ୍ବଲପୁର ସହରର ବିଭିନ୍ନ ବିଦ୍ୟାଳୟର ୧୩୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଭିନ୍ନ ସମ୍ବଲପୁରୀ ନାଚ ସହିତ ଘଣ୍ଟଘଣ୍ଟା ଧରି ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମ୍ବଲପୁର ଜିଲ୍ଲା ଓ ବାହାର ଜିଲ୍ଲାରୁ ଆସିଥିବା କଳାକାରମାନେ ସମ୍ବଲପୁରୀ ଗୀତ ଗାଇବା ସହ ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବ୍ୟତୀତ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର କଳାକାରମାନେ ସାମିଲ ହୋଇଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଧାନ କେବଳ ଖାଦ୍ୟଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର ଫଳ । ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ । ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ । ଏହି ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ । ସମ୍ବଲପୁର ପଶ୍ଚିମ ଓଡିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ । କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓଡିଶା ପାଇଁ ସ୍ୱତନ୍ତ୍ରତା ବହନ କରନ୍ତି ।

ନୂଆଁଖାଇ ହେଉଛି ଚାଷ ଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ । ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ । ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର । କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ । ଗତ ଏପ୍ରିଲ ୨୧ ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ । ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ସେହିଠାରେ ହିଁ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା ।

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)



# ଏସ୍.ଏମ୍.ସି ନିର୍ବାଚନ ପାଇଁ ହାଇକୋର୍ଟର ହସ୍ତକ୍ଷେପ ଯୋଗୁଁ ବାଟ ଫିଟିଲା

ସମ୍ବଲପୁର: ଜନ୍ମଦିନରୁ ଦୀର୍ଘ ୧୨ବର୍ଷ ପ୍ରତିନିଧି ଶୂନ୍ୟ ଥିବା ସମ୍ବଲପୁର ମହାନଗର ନିଗମର ବାସିନ୍ଦା ଏବେ ନିଜ ପସନ୍ଦର ପ୍ରତିନିଧି ବାଛିବାର ସୁଯୋଗ ପାଇବାକୁ ଯାଉଛନ୍ତି । ୬ ସପ୍ତାହ ଭିତରେ ସାନି ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସଂରକ୍ଷଣ ନିୟମ ଆଧାରରେ ସରକାର ସାନି ବିଜ୍ଞପ୍ତି ପ୍ରକାଶ କରିବେ । ଅନ୍ୟପକ୍ଷରେ ୨୦୧୫ରେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ୱାର୍ଡ ପୁନର୍ଗଠନ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ୱାର୍ଡ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ଟପିବାରୁ ବିବାଦ ଉପୁଜିଥିଲା । ଫଳରେ ହାଇକୋର୍ଟରେ ଏଥିନେଇ ମାମଲା ରୁଜୁ ହୋଇଥିଲା । ବିଜ୍ଞପ୍ତି ଅନୁଯାୟୀ ସମ୍ବଲପୁର ମହାନଗର ନିଗମର ୪୧ଟି ୱାର୍ଡରେ ବିଭକ୍ତ କରାଯାଇଥିଲା । ସେଥିମଧ୍ୟରୁ ୪ଟି ୱାର୍ଡକୁ ତଫସିଲଭୁକ୍ତ ଜାତି ପାଇଁ ସଂରକ୍ଷିତ ରଖାଯାଇଥିଲା ବେଳେ ୫ଟି ୱାର୍ଡ ତଫସିଲଭୁକ୍ତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା । ସେହିଭଳି ୬ଟି ୱାର୍ଡ ତଫସିଲଭୁକ୍ତ ଉପଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଥିଲା ବେଳେ ୩ଟି ୱାର୍ଡକୁ ତଫସିଲଭୁକ୍ତ ଉପଜାତି ମହିଳାଙ୍କ ନିମନ୍ତେ ସଂରକ୍ଷିତ କରାଯାଇଥିଲା । ଅନୁରୂପ ଭାବେ ୧୨ଟି ୱାର୍ଡକୁ ପଛୁଆ ବର୍ଗ ଏବଂ ୬ଟି ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିଲା । ଅନ୍ୟ ୭ଟି ୱାର୍ଡ ସାଧାରଣ ବର୍ଗ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୭ଟି ୱାର୍ଡକୁ ସଂରକ୍ଷିତ ରଖାଯାଇଥିଲା । ତେବେ ମୋଟ୍ ୪୧ଟି ୱାର୍ଡ ମଧ୍ୟରୁ ୨୧ଟି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାରୁ ଏହା ସଂରକ୍ଷଣ ଆଇନର ଖୋଲା ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଥିଲା । ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ଯୋଗୁଁ ଏସଏମସି ନିର୍ବାଚନ ଅଟକି ରହିଥିଲା । ରାଜନୈତିକ ଛକାପଞ୍ଝା ଓ ଆଇନର ଖେଳ ମଧ୍ୟରେ ଚାପି ହୋଇ ରହିଥିବା ସମ୍ବଲପୁର ମହାନଗର ନିର୍ବାଚନ ପରେ ନୂଆ ମେୟର ସ୍ଥାନୀୟ ପ୍ରଶାସନର ମଞ୍ଚ ଧରିବେ । ଏହାପରେ ପୁଣି କମିଶନରେଟ ପୁଲିସକୁ ଅପେକ୍ଷା । ତେବେ ମହାନଗର ନିର୍ବାଚନ ନେଇ ଆଶା ଉଜ୍ଜ୍ୱଳ ହୋଇଥିଲେ ହେଁ ଅନିଶ୍ଚିତତା ଶେଷ ହୋଇନାହିଁ । କାରଣ ଏବେ ବି ନୂତନ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ବାକି ରହିଛି ।

୨୦୧୩ ସେପ୍ଟେମ୍ବର ୨୫ରେ ପୌର ପରିଷଦ ମହାନଗର ନିଗମକୁ ଉନ୍ନୀତ ହୋଇଥିଲା । ୨୦୧୫ ଫେବୃଆରୀରେ ରାଜ୍ୟ ସରକାର ମହାନଗର ୱାର୍ଡ ସଂରକ୍ଷଣକୁ ନେଇ ବିଜ୍ଞପ୍ତି ଜାରି କରିଥିଲେ । ହେଲେ ବିଜ୍ଞପ୍ତିରେ ସଂରକ୍ଷଣ ହାର ୫୦ ପ୍ରତିଶତରୁ ଅଧିକ ଥିବାରୁ ମାମଲା ହାଇକୋର୍ଟକୁ ଯାଇଥିଲା । ବୁର୍ଲା ବାସିନ୍ଦା ଅଜୟ ମହାନ୍ତି ଏହାକୁ ନେଇ ୨୦୧୫ରେ ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିବା ପରେ ମାମଲା ବିଚାରାଧୀନ ଥିଲା । ଅଜୟ ମହାନ୍ତି ବନାମ ଓଡ଼ିଶା ସରକାର ଶୀର୍ଷକ ଏହି ମାମଲାରେ ଦୁର୍ଗା ପାଢ଼ୀ ପିଟିସନର ଇଣ୍ଟରଭେନର ଥିଲେ । ତା. ୧୩.୩.୨୦୧୫ରେ ମାମଲାର ପ୍ରଥମ ଶୁଣାଣି ହୋଇଥିବା ବେଳେ ୨୦୧୯ ସୁଦ୍ଧା ୧୭ଟି ଶୁଣାଣି ହୋଇଥିଲା । ହେଲେ ଏହି ମାମଲାରେ ସରକାରୀ ପକ୍ଷ ଉପଯୁକ୍ତ ଉପସ୍ଥାପନ କରିବାରେ ହେଳା କରୁଥିବା ହେତୁ କୋର୍ଟରେ କୌଣସି ପ୍ରକାର ଫଇସଲା ହୋଇ ପାରୁ ନ ଥିଲା । ଏମିତି କି ୨୦୧୯ ମସିହା ପରଠାରୁ ୬ବର୍ଷ ଧରି ଗୋଟିଏ ବି ଶୁଣାଣି ହୋଇ ନ ଥିଲା । ଏହି ମା ମଲାରେ ତିନିଟା ଇଣ୍ଟରଭେନର ପିଟିସନ ଫାଇଲ ହୋଇଥିଲା । ୨୦୨୪ ରେ ଆଇନଜୀବୀ ତଥା କଂଗ୍ରେସ ନେତା ଦୁର୍ଗା ପାଢ଼ୀ ନିଜ ପକ୍ଷରୁ ହାଇକୋର୍ଟ ହସ୍ତକ୍ଷେପ କରିବା ପାଇଁ ଇଣ୍ଟରଭେନର ପିଟିସନ ଫାଇଲ କରିଥିଲେ । ସେହିପରି ଆଉ ଏକ ପିଟିସନ ୨୦୨୩ରେ ଆଇନଜୀବୀ ପ୍ରକାଶ ଶତପଥୀ ଓ ବୁର୍ଲା ନାଗରିକ ଦଶରଥ ଦାସ ଫାଇଲ କରିଥିଲେ । ଆଉ ମଧ ସେହି ୨୦୨୩ରେ ବୁର୍ଲା ଠିକାଦାର କଲୋନୀ ନିବାସୀ ମନୋରଞ୍ଜନ ବେହେରା ଓ ଅଂଶୁ ଭୂଷଣ ବେହେରା ଅନ୍ୟ ଏକ ଆବେଦନ ଫାଇଲ କରିଥିଲେ । ତେବେ ମାମଲାର ଶୁଣାଣି ହୋଇଥିବା ବେଳେ ଜଷ୍ଟିସ ଆର.କେ ପଟ୍ଟନାୟକ ଏହି ମାମଲା ୧୫ବର୍ଷ ହେଲା ପଡ଼ି ରହିଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସରକାରୀ ପକ୍ଷକୁ ଏ ନେଇ ଜବାବ୍ ମାଗିଥିଲେ ହେଁ ସେ ମାନେ ଅକ୍ଷମତା ପ୍ରକାଶ କରିଥିଲେ । ତେବେ ପୁନଶ୍ଚ ମାମଲାର ଶୁଣାଣି ହୋଇଥିବା ବେଳେ ଜଷ୍ଟିସ ପଟ୍ଟନାୟକ ୨୦୧୫ରେ ପ୍ରକାଶିତ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ମାମଲାର ଫଇସଲା କରି ୬ ସପ୍ତାହ ମଧ୍ୟରେ ସଦ୍ୟ ବିଜ୍ଞପ୍ତି ପ୍ରକାଶ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ସ୍ଥାନୀୟ ସଚେତନ ବର୍ଗ ସ୍ୱାଗତ କରିଛନ୍ତି । ନୂତନ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ସହ ନିର୍ବାଚନ ପ୍ରକ୍ରିୟା ଯେମିତି ଖୁବ୍ ଶୀଘ୍ର ଆରମ୍ଭ ହୋଇ ପାରିବ ସେଥି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

ସମ୍ବଲପୁର ମହାନଗର ନିଗମରେ ପୁରୁଣା ସମ୍ବଲପୁର ପୌର ପରିଷଦ ସମେତ ବୁର୍ଲା ଓ ହୀରାକୁଦ ଏନ୍.ଏ.ସି ସାମିଲ ଥିବା ବେଳେ ଧନକଉଡ଼ା ବ୍ଲକର ୭ ଓ ମାନେଶ୍ୱର ବ୍ଲକର ୫ଟି ପଞ୍ଚାୟତକୁ ମିଶାଇ ଗଠନ କରାଯାଇଛି । ଏମିତିରେ ମହାନଗରର ଆୟତନ ୩୦୩ ବର୍ଗଫୁଟକୁ ବୃଦ୍ଧି ପାଇଛି । ୨୦୧୧ ମସିହାର ଜନଗଣନା ଅନୁସାରେ ମହାନଗରର ଜନସଂଖ୍ୟା ୩ଲକ୍ଷ ୩୫ ହଜାର ଥିବା ବେଳେ ପରିବାର ସଂଖ୍ୟା ୭୮ହଜାର ୮୦୩ ଆକଳନ କରାଯାଇଥିଲା । ଏଠାରେ ୧୭୧ଟି ବସ୍ତି ରହିଛି ।

ସମ୍ବଲପୁର ସହରାଞ୍ଚଳରେ ଦୁଇ ଦଶନ୍ଧି ଧରି ଗଣତାନ୍ତ୍ରିକ ପ୍ରକ୍ରିୟା ବାଧା ପ୍ରାପ୍ତ ହେଉଥିଲେ ହେଁ ଜନପ୍ରତିନିଧିମାନେ ଏକ ପ୍ରକାର ନିରବ ଥିବା ନଜର ଆସୁଥିଲା । ଅଫିସର ରାଜ ହେତୁ ସମୁଚିତ ବିକାଶ ହୋଇ ପାରୁ ନ ଥିବା




ବେଳେ ନୀତି ନିର୍ଦ୍ଧାରଣ, ବଜେଟ ନିର୍ଦ୍ଧାରଣ, ସମୀକ୍ଷା, ଆୟବ୍ୟୟ ଆଦି ଉପରେ ନଜର ରଖିବା ତ ଦୂରର କଥା, ନିର୍ବାଚିତ ପ୍ରତିନିଧିଙ୍କୁ ଅବଗତ ସୁଦ୍ଧା କରାଯାଉ ନ ଥିଲା । ତା ସତ୍ତ୍ୱେ ମଧ ନିର୍ବାଚିତ ପ୍ରତିନିଧି ନିରବ ଥିଲେ । ସମ୍ବଲପୁରରେ ମେୟର ନିର୍ବାଚିତ ହେଲେ ପ୍ରାୟ ୪ଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରିବେ । ବର୍ତ୍ତମାନର ସମ୍ବଲପୁର ସଦର ନିର୍ବାଚନ ମଣ୍ଡଳୀ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଅଂଶ ସମେତ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଏକ ଅଂଶ ମହାନଗର ପରିସରରେ ରହିଛି । ତିନି ନିର୍ବାଚନ ମଣ୍ଡଳୀର ମୋଟ ବଜେଟ୍ ପରିମାଣ ଠାରୁ ସମ୍ବଲପୁର ମହାନଗର ନିଗମର ବଜେଟ ଓ ମେୟରଙ୍କ କ୍ଷମତା ବିଧାୟକଙ୍କ ଠାରୁ ଅଧିକ ହେବ ।

ସମ୍ବଲପୁରରେ ଅଖଣ୍ଡ ଅଫିସର ରାଜ୍ ଚାଲିଥିବା ହେତୁ କୌଣସି ନୀତି ନିର୍ଦ୍ଧାରଣ ପାଇଁ କାହାରି ଅନୁମୋଦନ ଦରକାର ନାହିଁ କି କାହାରି ପ୍ରତି ଜବାବ ହେବାର ଆବଶ୍ୟକତା ନାହିଁ । ଅର୍ଥ ବ୍ୟୟରେ କୌଣସି ପ୍ରକାରେ କଟକଣା ନାହିଁ କି ପସନ୍ଦର ବ୍ୟକ୍ତି ବା ଅନୁଷ୍ଠାନକୁ କାର୍ଯ୍ୟାଦେଶ ଦେବାରେ ବାରଣ ନାହିଁ । ଏଭଳି ଭାବେ ଗତ ୧୨ବର୍ଷ ହେଲା ମହାନଗରର ବ୍ୟବସ୍ଥା ଜାରି ରହିଛି । ଏମିତି କି ସଠିକ୍ ଭାବେ ମହାନଗରର ଅଡ଼ିଟ ହେଉ ନ ଥିବା ବେଳେ ବଜେଟ ଆକଳନ ମଧ ଠିକ୍ ଭାବେ ହେଉନାହିଁ । ଏହି କାରଣରୁ ବ୍ୟାପକ ଅନିୟମିତତା ହେଉଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି । ମହାନଗର ନିଗମ ହେବାର ୨ ଦଶନ୍ଧି ପରେ ବି ଜନତାଙ୍କର କେହି ପ୍ରତିନିଧି ନ ଥିବା ହେତୁ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଅଧିକାରୀଙ୍କ ପାଖକୁ ପହଞ୍ଚି ପାରୁନାହିଁ । ବିଶେଷ କରି ମହାନଗରରେ ସାମିଲ ହୋଇଥିବା ୩ଟି ଯାକ ସହରର ଉପାନ୍ତ ଅଞ୍ଚଳ ଏବଂ ୧୨ଟି ପଞ୍ଚାୟତକୁ ମହାନଗରର ବିକାଶ ଆଜି ଯାଏ ପହଞ୍ଚି ପାରିନାହିଁ । ତେବେ ମହାନଗର ନିର୍ବାଚନ ହେଲେ ଅଧିକାରୀମାନଙ୍କ ଜବାବଦେହି ବଢ଼ିବା ସହିତ ସ୍ୱଚ୍ଛତା ଓ ପାରଦର୍ଶୀତା ଆସିବ, ଜନତାଙ୍କ ସ୍ୱର ଅଧିକାରୀ ଓ ସରକାରଙ୍କ ନିକଟକୁ ପହଞ୍ଚି ପାରିବ ବୋଲି ଆଶା କରାଯାଉଛି ।

ସାଧାରଣ ନିର୍ବାଚନ ପରେ ସମ୍ବଲପୁରରେ ରାଜନୈତିକ ମାହୋଲ ଏକ ପ୍ରକାର ଥଣ୍ଡା ପଡ଼ିଥିଲା ବେଳେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଖବର ପ୍ରକାଶିତ ହେବା ପରେ ନେତୃବୃନ୍ଦ ଚଳଚଞ୍ଚଳ ହୋଇ ଉଠିଛନ୍ତି । ଏଠାରେ ପ୍ରଥମ ଥର ହେବାକୁ ଥିବା ମେୟର ନିର୍ବାଚନ ଉପରେ ସମସ୍ତଙ୍କ ଆଖି ଅଛି । ସଂରକ୍ଷଣ ବିଜ୍ଞପ୍ତି ନ ବାହାରିବା ପର୍ଯ୍ୟନ୍ତ ଏହା ସଂରକ୍ଷିତ ହେବ ନା ଅସଂରକ୍ଷିତ ହେବ ତାହା ସ୍ପଷ୍ଟ ହୋଇ ପାରିବ ନାହିଁ । ହେଲେ ନିର୍ବାଚନର କୌଣସି ଆଭାସ ମିଳୁ ନ ଥିବା ବେଳୁ କେତେକ ନେତା ନିଜକୁ ମେୟର ପଦ ପାଇଁ ପ୍ରସ୍ତୁତ କରୁଥିବା ନଜର ଆସିଥିଲେ । ସମ୍ପ୍ରତି ସମ୍ବଲପୁର ମହାନଗର ତଥା ସଦର ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ବିଜୁ ଜନତା ଦଳ ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଥିବା ବେଳେ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ ଦଳ ପାଇଁ ସଞ୍ଜୀବନୀ ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି । ଏଣୁ ବିଜେଡିର ବହୁ ହେଭିୱେଟ୍ ନେତା ମେୟର ପଦ ପାଇଁ ଆଶାୟୀ ଥିବା କୁହାଯାଉଛି । ତା ଛଡ଼ା ୨୦୨୪ ପୂର୍ବରୁ ବିଜେଡି ଏହାର ସଫଳତାର ଶୀର୍ଷରେ ଥିବା ବେଳେ ବିଜେପିରୁ ବିଜେପିକୁ ଡେଇଁ ରାଜନୈତିକ ସତ୍ତା ସନ୍ଧାନରେ ଥିବା କେତେକ ନେତା ଏବେ ବିଜେଡିର ଦୁରବସ୍ଥାକୁ ଦେଖି ପୁନଶ୍ଚ ବିଜେପିକୁ ଡେଇଁ ମେୟର ପଦ ସକାଶେ ଦାବିଦାରି କରିବାକୁ ପ୍ରସ୍ତୁତ ହେଉଥିବା ଜଣାଯାଇଛି । ବିଜେପିର କେତେକ ହେଭିୱେଟ ନେତା ଏହି ପଦ ପାଇଁ ଲାଳାୟିତ ଥିବା ବେଳେ ସମ୍ବଲପୁର ବିଧାୟକ ନିଜ ରାଜନୈତିକ ଉତ୍ତରାଧିକାରୀଙ୍କୁ ମେୟର ପଦରେ ଆସୀନ କରିବା ପ୍ରୟାସରେ କୌଣସି ଅବ ସର ଛାଡ଼ିବେ ନାହିଁ ଆକଳନ କରାଯାଉଛି । ଅନ୍ୟପକ୍ଷରେ କଂଗ୍ରେସ ଅନେକ ବର୍ଷ ପରେ ମହାନଗରରୁ ଖାତା ଖୋଲିବା ପାଇଁ ଆଶା ରଖିଛି ।

୨୦୧୩ ପୂର୍ବରୁ ସମ୍ବଲପୁର ମହାନଗର ନିଗମ ଥିଲା ଏକ ପୁରାତନ ପୌର ପରିଷଦ । ଏହାର ବିକାଶ ସହ ଲୋକଙ୍କ ହାତକୁ ଅଧିକ କ୍ଷମତା ଦେବା ପାଇଁ ତତ୍କାଳୀନ ସରକାର ୨୦୧୩ରେ ଏହାକୁ ମହାନଗର ନିଗମ ଘୋଷଣା କରିଥିଲେ । ସେତେବେଳ ଯାଏ ଏଠାରେ ପୌର ଅଧକ୍ଷ ଥିଲେ ମୁଖ୍ୟ । ଶେଷଥର ପାଇଁ ୨୦୦୮ ମସିହାରେ ପୌର ପରିଷଦ ନିର୍ବାଚନ ହୋଇଥିଲା । ୨୦୧୩ରେ କାର୍ଯ୍ୟକାଳ ସରିବା ବେଳେ ପୌରାଧକ୍ଷା ଥିଲେ କଳ୍ପନା ସାହୁ । ପୌର ପରିଷଦର କାର୍ଯ୍ୟ ଅବଧି ସରିବା ବେଳକୁ ଅନ୍ୟ ସହରାଞ୍ଚଳରେ ନିର୍ବାଚନ ହୋଇଥିଲେ ହେଁ ସମ୍ବଲପୁରରେ ହୋଇ ନ ଥିଲା । ତାହାର କିଛି ଦିନ ପରେ ହୋଇଥିଲା ମହାନଗର ଘୋଷଣା । ଏମିତିରେ ୨୦୧୩ ଅଗଷ୍ଟ ମାସରୁ ସମ୍ବଲପୁରରେ ଅଖଣ୍ଡ ଅଫିସର ରାଜ୍ ଜାରି ରହିଛି ।

ସମ୍ବଲପୁର ପୌର ପରିଷଦକୁ ମହାନଗର ନିଗମରେ ପରିଣତ କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା । କିନ୍ତୁ ତତ୍କାଳୀନ ସରକାର ଯେଉଁ ସମୟରେ ମହାନଗର ନିଗମ ଘୋଷଣା କଲେ ତାହା ତୁଷ୍ଟିକରଣ ରାଜନୀତି ଭଳି ପ୍ରତିଭାତ ହୋଇଥିଲା । କାରଣ ୨୦୧୩ ଅଗଷ୍ଟ ୧୬ ତାରିଖରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଦୁର୍ବାର ଆନ୍ଦୋଳନ କରିଥିବା ବେଳେ ସରକାର ଏହି ଘୋଷଣା କରିଥିଲେ । ୪୨ ଦିନ ଧରି ରିଲେ ଅନଶନ ଚାଲିଥିବା ବେଳେ ସରକାରୀ କଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇଥିଲା । ଏହି ସମୟରେ ସରକାର ୨୦୧୩ ସେପ୍ଟେମ୍ବର ୨୫ ତାରିଖ ରେ ମହାନଗର ଘୋଷଣା କରିଥିବା ବେଳେ ୨ ମାସ ପରେ ନଭେମ୍ବର ୧୫ ତାରିଖ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଥିଲେ । ହେଲେ ୱାର୍ଡ ସଂରକ୍ଷଣ ବିରୋଧରେ ମାମଲା ହାଇକୋର୍ଟକୁ ଯିବା ପରେ ତତ୍କାଳୀନ ସରକାର ଏଭଳି ମୌନତା ଅବଲମ୍ବନ କଲେ ଯେ ହାଇକୋର୍ଟରେ ଠିକ୍ ଭାବେ ନିଜ ପକ୍ଷ ସୁଦ୍ଧା ରଖି ପାରି ନ ଥିଲେ । ଯାହାଫଳରେ ମାମଲା ହାଇକୋର୍ଟରେ ଗଡୁଥିଲା ।

ମହାନଗର ନିଗମ ଗଠନ ପର ଠାର ଗତ ୧୨ ବର୍ଷ ମଧ୍ୟରେ ୧୬ଥର କମିସନରଙ୍କ ବଦଳି ଆଦେଶ ବାହାରିଥିବା ବେଳେ କେତେକ ଅଧିକାରୀ ବିଭିନ୍ନ ପର୍ଯ୍ୟାୟରେ ଏହି ଦାୟିତ୍ୱ ସମ୍ଭାଳିଛନ୍ତି । ନୂଆ ଅଧିକାରୀଙ୍କ ଯୋଗଦାନ ପରେ ସମ୍ବଲପୁର ମହାନଗର ନିଗମରେ ସ୍ଥିତି ପରିବର୍ତ୍ତନ ହୋଇନାହିଁ । ବର୍ତ୍ତମାନ ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ଥିବା ସୁଧାଂଶୁ ଭୋଇ ଏହାର ପ୍ରଥମ କମିସନର ଭାବେ ଯୋଗ ଦେଇଥିଲେ । ସେ ୨୩ ଡିସେମ୍ବର ୨୦୧୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କ ପରେ ତ୍ରିଲୋଚନ ମାଝୀ ୧ ଏପ୍ରିଲ ୨୦୧୬ ପର୍ଯ୍ୟନ୍ତ କମିସନର ଦାୟିତ୍ୱରେ ରହିଥିଲେ । ଶ୍ରୀ ମାଝୀଙ୍କ ପରେ ବିମଳେନ୍ଦୁ ରାୟ ଦୁଇଟି ପର୍ଯ୍ୟାୟରେ ୨୦ ନଭେମ୍ବର ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହା ପରେ ପୁଣି ସୁଧାଂଶୁ ଭୋଇ ଏବଂ ଜ୍ଞାନ ରଞ୍ଜନ ଭଞ୍ଜଦେଓ କିଛି ସମୟ ନିମନ୍ତେ ଏହି ପଦରେ ରହିଥିଲେ । ୨୦୧୯ ମସିହାରେ ତ୍ରିଲୋଚନ ମାଝୀ ପୁଣି କିଛି ମାସ ପାଇଁ ଏହି ପଦରେ ରହିଥିଲେ । ଏସ୍ଏମସିର ପ୍ରଥମ ଆଇଏଏସ୍ କମିସନର ଭାବେ ଲିଙ୍ଗରାଜ ପଣ୍ଡା ମାତ୍ର ୫ ମାସ ପାଇଁ ଦାୟିତ୍ୱ ସମ୍ଭାଳି ଥିଲେ । ଶ୍ରୀ ପଣ୍ଡାଙ୍କ ପରେ ପ୍ରଥମ ମହିଳା କମିସନର ଭାବେ ଦାୟିତ୍ୱ ନେଇଥିଲେ ଯୁଗଳେଶ୍ୱରୀ ଦାଶ । ଯୁଗଳେଶ୍ୱରୀଙ୍କ ପରେ ଅନିରୁଦ୍ଧ ପଧାନ ଦୁଇଟି ପର୍ଯ୍ୟାୟରେ ୨୧ ଅକ୍ଟୋବର ୨୦୨୧ ଏବଂ ତାଙ୍କ ପରେ ପ୍ରଦୀପ ସାହୁ ୧୨ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ । ପ୍ରଦୀପଙ୍କ ଠାରୁ ଦାୟିତ୍ୱ ନେଇଥିବା ବେଦଭୂଷଣ ନିକଟରେ ତାଙ୍କ କାର୍ଯ୍ୟକାଳର ଦୀର୍ଘ ୨ ବର୍ଷ ପୂରଣ କରିଥିଲେ । ବେଦଭୂଷଣଙ୍କ ବଦଳି ପରେ ଯୁବ ଆଇଏଏସ୍ ଅଧିକାରୀ ରେହାନ କ୍ଷେତ୍ରୀ କମିସନର ଭାବେ ଗତ ମାସ ହେଲା କାର୍ଯ୍ୟରତ ଅଛନ୍ତି । ମଝିରେ ଆଉ ଜଣେ ଅଧିକାରୀଙ୍କ ବଦଳି ଆଦେଶ ହୋଇଥିଲେ ହେଁ ସେ ଯୋଗ ଦେଇ ନ ଥିଲେ । ତେବେ ଅଫିସର ବଦଳିଲେ ବି ଏସ୍ଏମ୍ସି ଗଠନ ହେବା ପୂର୍ବରୁ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହରାଂଚଳର ଅବସ୍ଥା ଯେମିତି ଥିଲା ବର୍ତ୍ତମାନ ବି ପ୍ରାୟତଃ ସେମିତି ରହିଛ । ମହାନଗର ନିଗମରେ ସାମିଲ ହୋଇଥିବା ୧୨ଟି ପଞ୍ଚାୟତର ଅବସ୍ଥା ଆଜି ବି ଅତ୍ୟନ୍ତ ଶୋଚନୀୟ ।

# ଭଗବାନ ଶ୍ରୀରାମଙ୍କ ଉଚ୍ଚତମ ଆଦର୍ଶ

ଯୁଗଧର୍ମ ଅନୁସାର ତ୍ରେତାଯୁଗରେ ଏକ ଅଲୌକିକ ଅବତାର ହୋଇଥିଲା, ଯାହାଙ୍କ ଆଦର୍ଶ ଓ ମର୍ଯ୍ୟାଦିତ ଆଚରଣ କାରଣରୁ ଭଗବାନ ରୂପରେ ତାଙ୍କୁ ମାନ୍ୟତା ମିଳିଲା । ହଜାର ହଜାର ବର୍ଷ ବିତିଯାଇଥିଲେ ମଧ ସେହି ଅପ୍ରତିମ ଚରିତ୍ରକୁ ମହାନତାର ପରାକାଷ୍ଠା ପ୍ରାପ୍ତ ହୋଇଛି । ସେ ହିଁ ଅତ୍ୟନ୍ତ ମର୍ଯ୍ୟାଦିତ ଚରିତ୍ର ସମ୍ପନ୍ନ ପ୍ରଭୁ ଶ୍ରୀରାମ ଅଯୋଧା ନରେଶ ମହାରାଜ ଦଶରଥଙ୍କ ବଡ଼ ରାଣୀ କୌଶଲ୍ୟାଙ୍କ ପୁତ୍ର ଥିଲେ ।

ଶ୍ରୀରାମଙ୍କ ଅବତରଣକୁ କିଛି ଲୋକ ସାଧାରଣ ମନୁଷ୍ୟ ଭଳି ଜନ୍ମ ନେବା, କିଛି ଲୋକ ପ୍ରକଟ ହେବା ଓ ଆଉ କିଛି ଲୋକ ଅବତାର ଧାରଣ କରିବା କଥା ମାନନ୍ତି । ଶ୍ରୀରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସ ପ୍ରଭୁଙ୍କର ଏହି ଧରାଧାମରେ ଅବତରଣ କରିବାର ତିନିଟି ଯାକ ରୂପକୁ ମାନ୍ୟତା ପ୍ରଦାନ କରିଛନ୍ତି । ନର ଚରିତ୍ରରେ ଜନ୍ମ ନେବା ହିଁ ଶ୍ରେୟସ୍କର ବିବେଚିତ ହୋଇଛି ; ଯେମିତି- ନର ନାଟ୍ୟଲୀଳା ଦୃଷ୍ଟିରୁ ଭଗବାନ ଶ୍ରୀରାମଙ୍କର ଚୈତ୍ର ମାସର ନବମୀ ତିଥ୍ୟର ମଧାହ୍ନରେ ପ୍ରାକଟ୍ୟ ଲୀଳା ସଂପନ୍ନ ହୋଇଥିଲା ।

ଅବତାର ବାଦର ଅବଧାରଣା ଉପରେ ବହିରଙ୍ଗ ରୂପେ ଦୃଷ୍ଟିପାତ କଲେ ଜଣାପଡ଼େ ଯେ ଭଗବାନଙ୍କ ଅବତାର ନେବା ନିଜର ହିଁ ସ୍ୱୀକାରୋକ୍ତି ଅଟେ ।

ଭଗବାନ ଶଙ୍କର ମାତା ପାର୍ବତୀଙ୍କୁ ଜ୍ଞାନ ଘାଟରେ କଥା ଶ୍ରବଣ କରାଇବାର ଆରମ୍ଭରେ ହିଁ କହିଛନ୍ତି –

ଭଗବାନ ଅବତାର ନେବାର କୌଣସି ଗୋଟିଏ କାରଣ ନ ଥିଲା । ଭଗବାନ ରାମଙ୍କ ସକାଶେ ରାବଣର ବଧ କରିବା ହିଁ ମନୁଷ୍ୟ ଦେହ ଧାରଣର କାରଣ ନ ଥିଲା, କିନ୍ତୁ ଉତ୍ତରାକାଣ୍ଡରେ ତାଙ୍କର ଶିଷ୍ୟ କାକଭୁଷୁଣ୍ଡି ଗରୁଡଙ୍କୁ କଥା ଶ୍ରବଣ କରାଇବା ବେଳେ କହୁଛନ୍ତି ଯେ ଭଗବାନ ରାମଙ୍କର ଏହି ଧରାଧାମକୁ ଆଗମନ କେବଳ ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ଏହା ସୁନିଶ୍ଚିତ ମତ ଏବଂ ତାଙ୍କର ଭକ୍ତି ବିନା କାହାର କଲ୍ୟାଣ ହୋଇ ନପାରେ ।

ଏହି ପ୍ରକାର ଯେକୌଣସି ମହାପୁରୁଷ ଏହି ଧରାଧାମକୁ ଆସି ନିଜର ଆଚରଣ ଏବଂ କ୍ରିୟାକଳାପଗୁଡ଼ିକ ଦ୍ୱାରା ଯେଉଁ ମାର୍ଗ ଗ୍ରହଣ କରନ୍ତି, ସେହି ମାର୍ଗ ଆଗାମୀ ପୀଢ଼ି ପାଇଁ ଅନୁକରଣୀୟ ହୋଇଯାଏ । ଏହି କଡ଼ିରେ ଭଗବାନ ରାମଙ୍କ ଠାରୁ ନେଇ ଗାନ୍ଧିଙ୍କ ପର୍ଯ୍ୟନ୍ତ ଆଦର୍ଶ ସମାଜ ପାଇଁ ସ୍ୱୀକାର୍ଯ୍ୟ । ଭଗବାନ ରାମଙ୍କ ବନଲୀଳା ପ୍ରସଙ୍ଗରେ ସେ ସର୍ବପ୍ରଥମେ କେଉଟ ଠାରୁ ଗଙ୍ଗା ପାରି ହେବା ନିମନ୍ତେ ନୌକା ମାଗିଛନ୍ତି । ଅନ୍ୟ ସ୍ଥାନରେ ତୀର୍ଥରାଜ ପ୍ରୟାଗ ଠାରେ ଭରଦ୍ୱାଜଙ୍କୁ ସେ ରାସ୍ତା ପଚାରିଛନ୍ତି ।

ନାଥ କହହୁ ହମ କେହିଂ ମଗ ଜାହୀ ।

ତୃତୀୟରେ ମହର୍ଷି ବାଲ୍ମୀକିଙ୍କୁ ରହିବା ପାଇଁ ସ୍ଥାନ ପଚାରିଛନ୍ତି, କେଉଁଠି ରହିବି ଏବଂ ଚତୁର୍ଥ ସ୍ଥାନରେ ଭକ୍ତିମତୀ ଶବରୀ ଆଗରେ ସୀତାଙ୍କ ବିଷୟରେ ଜିଜ୍ଞାସା ପ୍ରକଟ କରିଛନ୍ତି ।

ଭଗବାନ ଶ୍ରୀ ରାଘବେନ୍ଦ୍ର ମନୁଷ୍ୟ ରୂପେ ଚରିତ୍ର ମାଧମରେ ହିଁ ଆମ ସମସ୍ତଙ୍କ ସକାଶେ ଆଦର୍ଶ ଜୀବନ ପଦ୍ଧତି ଆପଣାଇବାର ମାର୍ଗ ପ୍ରଶସ୍ତ କରିଛନ୍ତି । ସୁଗ୍ରୀବଙ୍କ କଥନ ଅନୁସାରେ ଶ୍ରୀ ହନୁମାନ ପ୍ରଭୁଙ୍କ ସହିତ ବିପ୍ର ରୂପରେ ସାକ୍ଷାତ୍ କରିବା ପାଇଁ ପହଞ୍ଚିଛନ୍ତି ଏବଂ କ୍ଷତ୍ରିୟ ରୂପଧାରୀ ଶ୍ରୀରାମଙ୍କୁ ମସ୍ତକ ନୁଆଁଇ ପ୍ରଶ୍ନ କରିଛନ୍ତି । ତାଙ୍କର ପ୍ରଶ୍ନଗୁଡ଼ିକୁ ଶୁଣି ଭଗବାନ ଉତ୍ତର ଦେବାକୁ ଯାଇ ଶେଷରେ କହିଛନ୍ତି ।

ଆପନ ଚରିତ କହା ହମ ଗାଈ ।

କହହୁ ବିପ୍ର ନିଜ କଥା ବୁଝାଇ ।।

ମୁଁ ନିଜର ଚରିତ୍ର ଶୁଣାଇ ଦେଲି । ଆପଣ ବିପ୍ର ଦେବତା ନିଜର କଥା ଶୁଣାନ୍ତୁ, ତ ହନୁମାନ ଶୁଣାଇଲେ ।

ଏକୁ ମାଂ ମଂଦ ମୋହବସ, କୁଟିଳ ହୃଦୟ ଅଗ୍ୟାନ ।

ଭଗବାନ ପଚାରିଲେ ବିପ୍ର ଦେବତା ଏହା ଆପଣଙ୍କର କଥା ନା ବ୍ୟଥା । ହନୁମାନ କହିଲେ– ପ୍ରଭୁ ଜୀବର ତ ବ୍ୟଥା ହିଁ ବ୍ୟଥା ଥାଏ । ସେଥିପାଇଁ

ପୁନି ପ୍ରଭୁ ମୋହି ବିସାରେଉ....

ଅର୍ଥାତ୍ ହେ ଭଗବାନ ! ପୁନଃ ମୋତେ ଅର୍ଥାତ୍ ଜୀବକୁ ଭୁଲିଯାଆନ୍ତୁ ନାହିଁ, ଏପରି କହି ହନୁମାନ ପ୍ରଭୁ ଶ୍ରୀରାମଙ୍କର ଅତି ପ୍ରିୟ ହୋଇଗଲେ ।

ଭଗବାନ ଶ୍ରୀରାମଙ୍କ ମାନବ ଚରିତ୍ର ଉପରେ ଯଦି ବିହଙ୍ଗମ ଦୃଷ୍ଟିପାତ କରାଯାଏ ତ ବିଦିତ ହୋଇଥାଏ ଯେ ସମାଜର ପ୍ରାୟ ସମସ୍ତ ସମ୍ବନ୍ଧ ପାଳନରେ ଯାହା ବି ସୂତ୍ର ତାଙ୍କ ଠାରୁ ମିଳିଥାଏ, ସେଗୁଡ଼ିକରେ ସର୍ବକାଳିକ ମର୍ଯ୍ୟାଦାର ସର୍ବୋଚ୍ଚ ଶିଖରର ପ୍ରତିପାଦନ ହୋଇଥିବା ପ୍ରତୀତ ହୁଏ । ଯେମିତି-

ଭାୟପ ଭଗତି ଭରତ ଆଚରନ୍ତି ।

ରାଜକୁମାରି ସିଖାବନ୍ଧୁ ସୁନହୂ ।।

ସୁନହୁ ପ୍ରିୟା ବ୍ରତ ରୁଚିର ସୁଶୀଳା ।

ମିଂ କଛୁ କରବି ଲଳିତ

ନରଲୀଳା ।।

ତୁମ୍ ପାବକ ମହୁଁ କରହୁ ନିବାସ ।

ଜୌ ଲଗି କରୌ ନିସାଚର

ନାସା ।।

ଭଗବାନ ଶ୍ରୀରାମଙ୍କର ମୁଖ୍ୟତଃ ତିନି ଜଣ ମିତ୍ର ଥିଲେ– ନିଷାଦରାଜ, ସୁଗ୍ରୀବ ଓ ବିଭୀଷଣ । ଚରିତ୍ରବାଦର ପରାକାଷ୍ଠାର ପ୍ରତୀକ ମିତ୍ରତାର ସମସ୍ତ ବିଧିର ପାଳନ ଏବଂ କ୍ରିୟାନ୍ୱୟନରେ କୌଣସି ବି ଚରିତ୍ର ତାଙ୍କର ତୁଳନା କରି ନ ପାରେ । ସୁଗ୍ରୀବଙ୍କୁ ଯେବେ ହନୁମାନଙ୍କ ମାଧମରେ ମିତ୍ର କରିଛନ୍ତି ତ ତାଙ୍କର ସମସ୍ତ ପରିସ୍ଥିତିକୁ ଅନୁକୂଳ କରି ସେ ସୁଗ୍ରୀବଙ୍କ ଠାରୁ ମାତ୍ର ଏତିକି ଆଶା ରଖିଛନ୍ତି ।

ଯଦ୍ୟପି ଶ୍ରୀରାମଙ୍କର କୌଣସି ଶତ୍ରୁ ନ ଥିଲେ, ତଥାପି ଲୋକାପବାଦରେ ରାବଣ ଶତ୍ରୁ ଥିଲା ଏବଂ ଅଙ୍ଗଦଙ୍କୁ ତା' ପାଖକୁ ଦୂତ କରି ପଠାଇବାର ପ୍ରସ୍ତାବ ଆସିବାରୁ ସ୍ୱୟଂ ପ୍ରଭୁ ଶ୍ରୀରାମ ଅଙ୍ଗଦଙ୍କୁ କହୁଛନ୍ତି–

ଶତ୍ରୁତାର ପ୍ରବଳ ମୂର୍ତ୍ତି ରାବଣର ହିତ କଥା ବି ବିଚାର କରିବା ପ୍ରଭୁ ଶ୍ରୀରାମଙ୍କ ବ୍ୟତୀତ ଅନ୍ୟତ୍ର ଅସମ୍ଭବ ଏବଂ ସର୍ବଥା ଦୁର୍ଲଭ ।

ବୈରିଉ ରାମ ବଡ଼ାଈ କରହୀ ।

ଯଦ୍ୟପି ଶ୍ରୀରାମ ଅଯୋଧାର ଚକ୍ରବର୍ତ୍ତୀ ସମ୍ରାଟ ଶ୍ରୀ ଦଶରଥଙ୍କର ପ୍ରାଣପ୍ରିୟ ପୁତ୍ର ଥିଲେ ଏବଂ ତାଙ୍କର ରାଜ୍ୟାଭିଷେକ ଅବସରରେ ରଘୁବଂଶର କୁଳପୂଜ୍ୟ ଗୁରୁ ବଶିଷ୍ଠ ତାଙ୍କ ଘରକୁ ଆସି ରାଜ୍ୟାରୋହଣର ସୂଚନା ଦେଇଥିଲେ । ଆଗକୁ ଉଲ୍ଲେଖ ଆସେ –

ପ୍ରଭୁ ଶ୍ରୀରାମଙ୍କ ଭଳି ଦାତା ଆଜି ପର୍ଯ୍ୟନ୍ତ କେହି ଥିବାର ଶୁଣିବାକୁ ମିଳି ନାହିଁ । ଯେଉଁ ସଂପତ୍ତିକୁ ଭଗବାନ ଶିବ ଦଶଟି ମସ୍ତକ ଚଢ଼ାଇବା ପରେ ରାବଣକୁ ଦେଇଥିଲେ, ତାହାକୁ ପ୍ରଭୁ ବିଭୀଷଣଙ୍କୁ ବିନା ସଙ୍କୋଚରେ ଦେଇଦେଲେ -

ଜୋ ସଂପତି ସିବ ରାବନହି ଦୀନ୍ହି ଦିଏଁ ଦସ ମାଥ ।

ସୋଇ ସଂପଦା ବିଭୀଷନହି ସକୁଚି ଦୀନ୍ହି ରଘୁନାଥ ।।

ଭଗବାନ ଶ୍ରୀରାମଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଏହି ମାନବ ସୃଷ୍ଟିରେ ଆଜି ପର୍ଯ୍ୟନ୍ତ କେହି ଦେଖାଯାଇ ନାହାନ୍ତି । ସ୍ୱୟଂ ପ୍ରଭୁ ଶ୍ରୀରାମ ହନୁମାନଙ୍କ ପରୋପକାର ବିଷୟରେ ଭରତଙ୍କୁ ଶୁଣାଇବାକୁ ଯାଇ କହିଛନ୍ତି –

ଶ୍ରୀରାମଙ୍କ ଭଳି କୃତଜ୍ଞ କେହି ହୋଇ ପାରିବେ ନାହିଁ । ନିଜର ଚରିତ୍ର କାରଣରୁ ହିଁ ଶ୍ରୀରାମ ଚରିତ୍ରବାଦର ଶ୍ରେଷ୍ଠତମ ବ୍ୟକ୍ତିତ୍ୱ ରୂପେ ସମାଜର ପ୍ରତ୍ୟେକ ବର୍ଗ ପାଇଁ ଆଦର୍ଶର ପ୍ରତିମୂର୍ତ୍ତି ଥିଲେ । କୌଣସି ରାଜ୍ୟର ସ୍ୱାମୀ ରୂପରେ ଶ୍ରୀରାମଙ୍କ ଭଳି କେହି ହୋଇ ନାହାନ୍ତି କି ହୋଇ ପାରିବେ ନାହିଁ । ରାଜାଙ୍କ ମଧରେ ଯେତେ ସବୁ ଗୁଣର ସମାବେଶ ହେବା ଉଚିତ, ସେହି ସମସ୍ତ ଗୁଣ ଶ୍ରୀରାମଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବାରୁ ସେ ସର୍ବଶ୍ରେଷ୍ଠ ଏବଂ ପୂଜ୍ୟ ହୋଇଗଲେ ।

ରାମରାଜ୍ୟର ସାର୍ଥକତା ଓ ଉପଯୋଗିତା ସଂପୂର୍ଣ୍ଣ ମାନବ ମାତ୍ର ପାଇଁ ଉଦ୍ଦିଷ୍ଟ । ତାହାର ପ୍ରାସଙ୍ଗିକତା ଆଜି ମଧ ରହିଛି । ପ୍ରାୟ ଆଜିର ପରିପ୍ରେକ୍ଷୀରେ ରାଜସଭାର ସଂଚାଳନ ଓ ପ୍ରତିଷ୍ଠାପନ କ୍ରମରେ ରାମରାଜ୍ୟକୁ ସ୍ୱୀକାର କରାଯାଏ, ସେହି ରାମରାଜ୍ୟ କ'ଣ ହୋଇପାରେ ।

ସୂତ୍ରାତ୍ମକ ଢଙ୍ଗରେ ବିଚାର କଲେ ପ୍ରଶ୍ନ ଉଠେ ଯେ ରାମରାଜ୍ୟ ଧର୍ମ ପ୍ରଧାନ ଅଥବା କର୍ମ ପ୍ରଧାନ ବା ଜ୍ଞାନ ପ୍ରଧାନ ଅଥବା ଭକ୍ତି ପ୍ରଧାନ, ଯାହାଦ୍ୱାରା ଆମେ 'ସର୍ବେ ଭବନ୍ତୁ ସୁଖିନଃ'ର କଳ୍ପନା କରିପାରୁ । ରାମରାଜ୍ୟ ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ସଂଯୋଗ, ଯାହାକୁ ଧର୍ମମୟ ରଥ ଦ୍ୱାରା ସଂଚାଳିତ କରାଯାଇଥିଲା । ପ୍ରଭୁ ଶ୍ରୀରାମ ଓ ରାବଣଙ୍କ ମଧରେ ଯୁଦ୍ଧ ଆରମ୍ଭର ଠିକ୍ ପୂର୍ବରୁ ବିଭୀଷଣଙ୍କ ଦ୍ୱାରା ଏହି କୁହାଯାଇଥିଲା –

ରାବନ୍ଧୁ ରଥୀ ବିରଥ ରଘୁବୀରା ।

ଦେଖି ବିଭୀଷନ ଭୟଉ

ଅଧୀରା ।।

ଏହା ଶୁଣି ଶ୍ରୀରାମ ମର୍ଯ୍ୟାଦାର ପରାକାଷ୍ଠା ସ୍ୱରୂପ ଏକ ଧର୍ମରଥର ବର୍ଣ୍ଣନ କରି କହିଲେ –

ସଖା ଧର୍ମମୟ ଅସ୍ର ରଥ ଜାକଂ ।

ଜୀତନ କହଁ ନ କତହୁଁ ରିପୁ

ତାକେଂ ।

ଏହି ଧର୍ମରଥର ବ୍ୟାଖ୍ୟାରେ ଜ୍ଞାନ, କର୍ମ, ଭକ୍ତିର ବିଶେଷ ପ୍ରୟୋଗ ହୋଇଥିଲା, ଯାହାକୁ ଭଗବାନ ଶ୍ରୀକୃଷ୍ଣ ମଧ ଗୀତା ଉପଦେଶ ସମୟରେ ଅର୍ଜୁନଙ୍କୁ କହିଥିଲେ । ରାମରାଜ୍ୟର ଅବଧାରଣା କୌଣସି କପୋଳ କଳ୍ପନା ନୁହେଁ, ବରଂ ଯଥାର୍ଥ ପ୍ରତିପାଦନ ଅଟେ । ରାଜ୍ୟାରୋହଣ ପରେ ଭଗବାନ ଶ୍ରୀ ରାଘବେନ୍ଦ୍ର ରାଷ୍ଟ୍ର ନିମନ୍ତେ ଯେଉଁ ସମ୍ବୋଧନ କରିଛନ୍ତି, ତାହାକୁ ଯଦି ପଢ଼ିବା ଓ ବୁଝିବା ତ ଏହାର ଭାବ ସ୍ପଷ୍ଟ ହୋଇଯିବ ।

ଏହି ପ୍ରକାର ଶ୍ରୀରାମ ନିଜର ମହତ୍ତ୍ୱକୁ ନ କହି ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ସାଧାରଣ ନାଗରିକଙ୍କ ସର୍ବାଙ୍ଗୀଣ ବିକାଶ ଓ ହିତରେ ହିଁ ରାଜ୍ୟ ଏବଂ ରାଜାଙ୍କର ହିତ ସମ୍ଭବ । ଶ୍ରୀରାମଙ୍କର ରାଷ୍ଟ୍ର ଓ ଜନ୍ମଭୂମି ପ୍ରତି ଭାବ ମଧ ଅତ୍ୟନ୍ତ ଅନୁକରଣୀୟ । ପୁଷ୍ପକ ବିମାନ ଅଯୋଧାପୁରୀ ଉପର ଦେଇ ଆସିବା ବେଳେ ସେ ନିଜର ମିତ୍ରମାନଙ୍କୁ କହିଛନ୍ତି –

ଇହାଁ ଭାନୁକୁଳ କମଳ ଦିବାକର ।

କପିନ୍ହ ଦେଖାବତ ନଗର ମନୋହର । ଜନ୍ମଭୂମି ମମ ପୁରୀ ସୁହାବନି । ଉତ୍ତର ଦିସି ବହ ସରଜୁ ପାବନି ।।

ଲଙ୍କା ପ୍ରସ୍ଥାନ ପୂର୍ବରୁ ମଧ ଲକ୍ଷ୍ମଣଙ୍କୁ କହିଛନ୍ତି–

ଯଦ୍ୟପି ସ୍ୱର୍ଣ୍ଣମୟୀ ଲଙ୍କା

ତଦ୍ୟପି ଲକ୍ଷ୍ମଣ ନ ରୋଚ୍ୟତେ ।

ଜନନୀ ଜନ୍ମଭୂମିଶ୍ଚ

ସ୍ୱର୍ଗାଦପି ଗରୀୟସୀ ।।

ଏହି ପ୍ରକାର ଶ୍ରୀରାମ ନିଜର ଦେଶ ଓ ସେଠାକାର ନିବାସୀମାନଙ୍କୁ ସେହି ସମ୍ମାନ ଦେଇଛନ୍ତି, ଯାହା ରାଜପରିବାର ସହିତ ସଂବନ୍ଧିତ ବ୍ୟକ୍ତିମାନଙ୍କୁ ଦିଆଯାଏ । ଯେପରି ଶ୍ରୀରାମ ଓ ଶ୍ରୀ ଭରତଙ୍କ ମିଳନ ହେବା ବେଳେ ପ୍ରଭୁଙ୍କର ଏହି ମିଳନର ରୀତିକୁ ଦେଖି ସମସ୍ତ ଲୋକ କହିବାକୁ ଲାଗିଲେ ଯେ ଆମ ସହିତ କ'ଣ ସାକ୍ଷାତ୍ ହେବେ କି ?

ଅମିତ ରୂପ ପ୍ରକଟେ ତେହି କାଲା ।

କଥାଜୋଗ ମିଲେ ସବହି କୃପାଲା ।

ଏହି ପ୍ରକାର ଶ୍ରୀରାମଙ୍କର ଏହି ଧରାଧାମକୁ ଆଗମନ 'ସର୍ବଜନ ହିତାୟ–ସର୍ବଜନ ସୁଖାୟ'କୁ ପ୍ରକୃତ ଅର୍ଥରେ ଚରିତାର୍ଥ କରିବା ପାଇଁ ହିଁ ହୋଇଥିଲା ।

ଶ୍ରୀରାମଙ୍କ ଚରିତ୍ର ଭଲା ନର ଚରିତ୍ର ହେଉ ଅଥବା ନର ନାଟ୍ୟଲୀଳା– ଉଭୟ ଅନ୍ତରଙ୍ଗ ଆଦର୍ଶ ଓ ମର୍ଯ୍ୟାଦାର ପୂର୍ଣ୍ଣାଙ୍ଗ ନିରୂପଣରେ ଓତପ୍ରୋତ । ତାଙ୍କର ଭକ୍ତିଗାଥା, ପ୍ରଜାପ୍ରେମକୁ ନଗରବାସୀ ହୁଅନ୍ତୁ ଅଥବା ଜଙ୍ଗଲରେ ରହୁଥିବା ବ୍ୟକ୍ତି– ସମସ୍ତେ ସମାନ ଭାବରେ ଶୁଣନ୍ତି ।

ବେଦ ବଚନ ମୁନି ମନ ଅଗମ ତେ ପ୍ରଭୁ କରୁନା ଐନ ।

ବଚନ କିରାତ କେ ସୁନତ ଜିମି ପିତୁ ବାଳକ ସୈନ ।।

ଯେତେବେଳେ ଜଙ୍ଗଲରେ ରହୁଥିବା ଶବରୀ ସହିତ ବାର୍ତ୍ତା ହୋଇଥିଲା ତ ତା'ର ଆତିଥ୍ୟକୁ ସ୍ୱୀକାର କରିବାରେ ତାଙ୍କୁ କୌଣସି ସଂକୋଚ ହୋଇ ନ ଥିଲା, ବରଂ ଶବରୀର ଫଳକୁ ସେ ରାଜପ୍ରସାଦ ପରି ଗ୍ରହଣ କରିଥିଲେ ।

ପ୍ରେମ ସହିତ ପ୍ରଭୁ ଖାଏ ବାରଂବାର ବଖାନି ।

କବନ୍ଧ ପ୍ରସଙ୍ଗରେ କହିଛନ୍ତି –

ସୁନୁ ଗନ୍ଧର୍ବ କହଉଁ ମୈ ତୋହୀ ।

ମୋହି ନ ସୋହାଇ ବ୍ରହ୍ମକୁଳ ଦ୍ରୋହୀ ।

ସେହି ରାମ ଶବରୀକୁ କହୁଛନ୍ତି–

କହ ରଘୁପତି ସୁନୁ ଭାମିନି ବାତା ।

ମାନଉଁ ଏକ ଭଗତି କର ନାତା ।

ଏହି ପ୍ରକାର ଶ୍ରୀରାମଙ୍କ ଚରିତ୍ର ଲୋକମତ ହେଉ ବେଦମତ ହେଉ । ତାହା ଭଲ ବିଦ୍ୱାନ୍ ହୁଅନ୍ତୁ ବା ଗ୍ରାମୀଣ ଜନ ହୁଅନ୍ତୁ, ସମସ୍ତଙ୍କୁ ପ୍ରଭାବିତ ନ କରି ରହିପାରେ ନାହିଁ ।

## ଆଜିର ଚିନ୍ତନ

ସାଂସାରିକ ମୋହ ମୋହ ମାୟା ବନ୍ଧନରୁ ମୁକ୍ତି ଏବଂ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତିର ଉପାୟ ହିଁ ମୋକ୍ଷ । ଥରେ ଶ୍ରୀରାଧା ନମ୍ରତାର ସହିତ ଶ୍ରୀକୃଷ୍ଣଙ୍କୁ ପଚାରିଲେ- ହେ ମାଧବ ! କଂସ, ଆପଣଙ୍କର ମାମୁ ହେବା ସତ୍ତ୍ୱେ ତୁମର ପିତାମାତାଙ୍କୁ ବହୁତ ଦୁଃଖ କଷ୍ଟ ଦେଇଥିଲେ । ଆପଣଙ୍କୁ ସେ ନିରନ୍ତର ଅପମାନ କରୁଥିଲେ । ସାଧୁ ସନ୍ଥମାନଙ୍କୁ ଉପହାସ କରୁଥିଲେ ଏବଂ ସେମାନଙ୍କ ସାଧନା ଭଙ୍ଗ କରିବା ସହିତ ହତ୍ୟା କରୁଥିଲେ । ତଥାପି ସେହି ମହାପାପୀ କଂସକୁ ଆପଣ କିପରି ପରମ ମୋକ୍ଷ ପ୍ରଦାନ କଲେ ? ତାଙ୍କର ଉତ୍ତମ କର୍ମ କ'ଣ ଥିଲା ? ଶ୍ରୀକୃଷ୍ଣ ହସି କହିଲେ- ରାଧେ, କଂସ ଯାହା ବି କରୁଥିଲେ, ଯାହା ବି ଭାବୁଥିଲେ ସେ ସର୍ବଦା ମୋ ବିଷୟରେ ଭାବୁଥିଲେ, ମୋ ବିଷୟରେ ଚିନ୍ତା କରୁଥିଲେ । ସେ ମୋର ଦେଷ କରୁଥିଲେ । ମୋ ଉପରେ କ୍ରୋଧିତ ହେଉଥିଲେ ଏବଂ ସର୍ବଦା ସେ ମୋତେ ଭୟ କରୁଥିଲେ । ତାଙ୍କର ମନ ସଦାସର୍ବଦା ମୋର ସ୍ମରଣରେ ନିୟୋଜିତ ହୋଇଥିଲା । ଯେଉଁ ବ୍ୟକ୍ତି ମୋତେ ନିରନ୍ତର ସ୍ମରଣ କରେ, ସେ ଭକ୍ତି ପ୍ରେମ ହେଉ ଅଥବା ଭୟରେ ହେଉ । ଯିଏ ମୋତେ ସ୍ମରଣ କରେ ତାର ଶ୍ରଦ୍ଧାଶୀଳ ହୋଇଯାଏ ଏବଂ ଶେଷରେ ସେ ମୋକ୍ଷ ପାଇଯାଏ । ମହାପାପୀ ବ୍ରାହ୍ମଣ ଅଜାମିଳ ସୁନ୍ଦରୀ ପତ୍ନୀକୁ ଛାଡ଼ି ବେଶ୍ୟାସକ୍ତ ହୋଇ ନିଜ ଧର୍ମକୁ ଭୁଲିଗଲେ । ଏହିପରି ଚରିତ୍ର ସ୍ଖଳନରୁ ଅଜାମିଳର ସସ୍ଙ୍ଗ ଓ ସମସ୍ତ ଶାସ୍ତ୍ରଜ୍ଞାନ ନଷ୍ଟ ହୋଇଗଲା । ତାଙ୍କର ପିତାମାତା ଏସବୁ ଦେଖି ସହ୍ୟ ନକରିପାରି ମୃତ୍ୟୁବରଣ କଲେ । ଶାସ୍ତ୍ର ଜ୍ଞାନୀ ଅଜାମିଳ ବ୍ରାହ୍ମଣ ମତିଭ୍ରଷ୍ଟ, ଜ୍ଞାନଭ୍ରଷ୍ଟ ପତିତରେ ପରିଣତ ହୋଇଗଲେ । ଧନର ଅଭାବ ହେତୁ ବାଟୋଇମାନଙ୍କୁ ଲୁଣ୍ଠନ କରି ଡକାୟତ ଭାବରେ ପରିଚିତ ହେଲେ । ତେଣୁ ଭାଗବତରେ କୁହାଯାଇଛି 'ହୀନ ସଙ୍ଗତେ ହୀନ ଗତି/ ହସି କହନ୍ତି ଯଦୁପତି' । ଅଜାମିଳଙ୍କର ଦଶ ପୁତ୍ର, ସାନପୁଅ ନାରାୟଣକୁ ସେ ସବୁଠୁ ଅଧିକ ଭଲପାଉଥିଲେ । ଅତି ସ୍ନେହରୁ ସର୍ବଦା ନାରାୟଣ, ନାରାୟଣ ଡାକୁଥିଲେ । ମୃତ୍ୟୁସମୟ ହେବାରୁ ଯମଦୂତମାନେ ଆସି ପହଞ୍ଚିଲେ । ସାନପୁଅ ନାରାୟଣକୁ ଅଜାମିଳ ବଡ଼ପାଟିରେ ନାରାୟଣ ନାରାୟଣ କହି ଡାକ ପକାଇଲେ । ନାରାୟଣ ନାମ ଉଚ୍ଚାରଣରେ ଜୀବର ପାପ ଖଣ୍ଡନ ହୋଇଯାଏ । ଏହିପରି ଦେବଦୂତମାନେ ଅଜାମିଳକୁ ଯମଦୂତଙ୍କ ପାଶରୁ ମୁକୁଳାଇ ଦେଲେ । ଅଜାମିଳ ପୁଣି ଜୀବନ ପାଇଲେ ଏବଂ ତାଙ୍କ ଭିତରେ ଶୁଭବୁଦ୍ଧି ଜାଗ୍ରତ ହେଲା । ଏହା ଥିଲା ମୋକ୍ଷଦାୟୀ ସେହି ନାରାୟଣଙ୍କ ନାମ ସ୍ମରଣର ଫଳ ମାତ୍ର । ତେଣୁ ଭଗବାନଙ୍କ ନାମ ସ୍ମରଣରେ ମୋକ୍ଷ ପ୍ରାପ୍ତି ହୁଏ ।

ସ୍ପୀଜାର
ବର୍ଷ ୨୯, ସଂଖ୍ୟା - ୩୬, ୭- ୧୩ ସେପ୍ଟେମ୍ବର ୨୦୨୫

# ହୀରାକୁଦ ବନ୍ଧ ନିରାପତ୍ତା ପ୍ରତି ଦୃଷ୍ଟି ଦିଆଯାଉ

୧୯୫୭ ମସିହାରୁ କାର୍ଯ୍ୟାରମ୍ଭରୁ ଆଜି ଯାଏ ହୀରାକୁଦ ବନ୍ଧ ଯୋଜନା ଦକ୍ଷତାର ସହ କାର୍ଯ୍ୟ କରି ଆସିଛି । ଫଳରେ ଖରିଫ୍ ଋତୁରେ ୧.୫୯ ଲକ୍ଷ ହେକ୍ଟର ଓ ରବି ଋତୁରେ ୧.୦୫ ଲକ୍ଷ ହେକ୍ଟର (ବାର୍ଷିକ ସମୁଦାୟ ୨.୬୪ ଲକ୍ଷ ହେକ୍ଟର) ଜମି ଜଳସେଚିତ ହେଉଛି । ବୁର୍ଲା ଓ ଚିପିଲିମାର ୩୦୭.୫ ମେଗାୱାଟ୍ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବାର୍ଷିକ ପ୍ରାୟ ୧୦୦୦ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦିତ ହେଉଛି । ଏଥିସହିତ ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳରେ ଖରିଫ୍ ଓ ରବି ଋତୁରେ ପ୍ରାୟ ୨.୫୧ ଲକ୍ଷ ହେକ୍ଟର ଓ ୧.୧୦ ଲକ୍ଷ ହେକ୍ଟର ଜମି ଜଳସେଚିତ ହଉଛି । ହୀରାକୁଦ ଦ୍ୱାରା ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳର ୯୫୦୦ ବର୍ଗ କି.ମି. ଅଞ୍ଚଳ ବନ୍ୟା ଦାଉରୁ ରକ୍ଷା ପାଇବା ସହ ଯୋଜନାରୁ ବାର୍ଷିକ ପ୍ରାୟ ୬୦୦ କୋଟି ଟଙ୍କା ଲାଭ ମିଳିଥାଏ ।

ହୀରାକୁଦ ବନ୍ଧ ଯୋଜନାର ଜଳଭଣ୍ଡାରର ବ୍ୟବହାରଯୋଗୀ କ୍ଷମତା ୫୮୧୮ ନିୟୁତ ଘନ ମିଟର ଥିବାବେଳେ ବାର୍ଷିକ ହାରାହାରି ୩୩, ୫୦୦ ନିୟୁତ – ଘନମିଟର ଜଳ ପ୍ରବେଶ କରେ । ଏହା ୧୯୬୧ ମସିହାରେ ସର୍ବୋଚ୍ଚ ୪୯୦, ୪୦୦ ନିୟୁତ ଘନମିଟର ହେବାସ୍ଥଳେ ୧୯୭୯ ମସିହାରେ ସର୍ବନିମ୍ନ ୧୧, ୪୦୦ ନିୟୁତ ଘନମିଟର ଥିଲା । ଏହି ତଫାତ୍ ବହୁତ ବେଶି ଏବଂ କୌଣସି ବର୍ଷର ଜଳ ପ୍ରବେଶ ପରିମାଣ ପୂର୍ବରୁ କଳ୍ପନା କରିବା ସମ୍ଭବ ନୁହେଁ । ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ବାର୍ଷିକ ହାରାହରି ଜଳପ୍ରବେଶ କ୍ଷମତାର କେବଳ ୧୬ ପ୍ରତିଶତ । ଏହାର ଅବବାହିକାରେ କେବଳ ୧୫ ସେ.ମି (୬ ଇଞ୍ଚ) ହାରାହାରି ବୃଷ୍ଟିପାତରେ ଜଳଭଣ୍ଡାର ପୂର୍ଣ୍ଣ ହୋଇଯିବ । ବନ୍ୟା ନିୟନ୍ତ୍ରଣ ପାଇଁ ବର୍ଷାଋତୁରେ ଏହାର ଜଳପତନ କମ୍ ରଖାଯିବା ଆବଶ୍ୟକତା ସ୍ଥଳେ ଜଳସେଚନ ଓ ଜଳବିଦ୍ୟୁତ୍ ଉତ୍ପାଦନ ଚାହିଦା ମେଣ୍ଟାଇବା ପାଇଁ ଜଳ ପତନ ଅଧିକା ରଖାଯିବା ଦରକାର ପଡ଼େ । ବେଶି ପାଣି ରଖିବା ଅର୍ଥ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଜାଗା କମିବା ଫଳରେ ବନ୍ୟା ନିୟନ୍ତ୍ରଣ କ୍ଷମତା କମୁଛି ।

ହୀରାକୁଦ ବନ୍ଧ ମାଟି, କଂକ୍ରିଟ୍ ଓ ପଥର ଯୋଡ଼ାଇ ପ୍ରଭୃତିର ସମ୍ମିଶ୍ରିତ ବନ୍ଧ । ମୁଖ୍ୟ ବନ୍ଧର ଲମ୍ବ ୪.୮ କି.ମି. । ବାମ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ଆଡ଼ିବନ୍ଧର ଲମ୍ବା ୨୧ କି.ମି. । ଏହିପରି ସମୁଦାୟ ବନ୍ଧର ଲମ୍ବ ୨୫.୮ କି.ମି. । ମୁଖ୍ୟ ବନ୍ଧରେ ଦୁଇ ନଦୀ ଶାଖା ଉପରେ ଦୁଇଟି ସ୍ପିଲୱେ ଅବସ୍ଥିତ । ପୃଥିବୀ ପ୍ରସିଦ୍ଧ ଓସ୍ୱାନ ଡ୍ୟାମ୍‌ର ଢାଞ୍ଚାରେ ବାମ ଓ ଦକ୍ଷିଣ ସ୍ପିଲୱେରେ ଯଥାକ୍ରମେ ୪୦ ଓ ୨୪ଟି (ସମୁଦାୟ ୬୪ଟି) ନଦୀ ପତନ ସ୍ଲୁଇସ୍ ଗେଟ୍ ଅଛି । ଯଥାକ୍ରମେ ୨୧ ଓ ୧୩ଟି (ସମୁଦାୟ ୩୪ଟି) କ୍ରେଷ୍ଟ ଗେଟ୍ ଖଞ୍ଜା ଯାଇଛି । ଏହି ସମସ୍ତ ଗେଟ୍ ମାଧମରେ ସମୁଦାୟ ୧୫ ଲକ୍ଷ ଘନଫୁଟ ସେକେଣ୍ଡ ପ୍ରତି (୪୨୪୫୦ କ୍ୟୁସେକ୍) ବନ୍ୟାଜଳ ନିଷ୍କାସିତ ହୋଇ ପାରିବାର କ୍ଷମତା ରଖାଯାଇଛି । ଏହି ଦୁଇ ସ୍ପିଲୱେ ଭିତରେ ୩.୫ ମି. ୭.୦୦ ମି. ଆକାରର କାର୍ଯ୍ୟ ସମ୍ପାଦନ ସୁଡ଼ଙ୍ଗ ପଥ (ଅପରେସନ ଗ୍ୟାଲେରୀ) ଅଛି, ଯାହା ମଧରୁ ଚଳନ୍ତା ଟ୍ରେନ୍ ସାହାଯ୍ୟରେ ଉର୍ଦ୍ଧ୍ୱଧାର ସ୍ଲୁଇସ୍ ଗେଟ୍‌ଗୁଡ଼ିକ ଚଳାଇ ୩.୬୬ମି. ୬.୨୦ମି. ଆକାରର ନଦୀ ପତନ ସ୍ଲୁଇସ୍ ଗେଟ୍ ମଧରେ ଜଳ ନିର୍ଗତ କରି ବନ୍ୟା ନିୟନ୍ତ୍ରଣ କରାଯାଇଥାଏ ।

ସମ୍ପ୍ରତି ପ୍ରଚଳିତ ଥିବା ୧୯୮୮ ମସିହାର ନିୟନ୍ତ୍ରଣ ନିୟମ ସୁପାରିସ ସମୟରେ ସର୍ତ୍ତ ଥିଲା ଯେ ଏହା ପାଳନ ପୂର୍ବରୁ (୧) ହୀରାକୁଦ ଜଳଭଣ୍ଡାର ଅବବାହିକାରୁ କେତେ ବନ୍ୟା ଆସିବ ତାହା ବର୍ଷା ହେବା ସଙ୍ଗେ ସଙ୍ଗେ କଳନା କରିବା ବ୍ୟବସ୍ଥା ଥିବା (୨) ଉଦ୍‌ବୃତ୍ତ ବନ୍ୟାଜଳ ନିଷ୍କାସନ ପାଇଁ ଆଉ ଅଧିକ ପାଞ୍ଚଲକ୍ଷ ଘନଫୁଟ୍ ପ୍ରତି ସେକେଣ୍ଡ କ୍ଷମତାର ସ୍ପିଲୱେ ବ୍ୟବସ୍ଥା ଥିବ । (୩) ବନ୍ୟା ଆସିବା ପୂର୍ବରୁ ଜଳଭଣ୍ଡାରକୁ ନିମ୍ନକୁ ଖସାଇ ଆଣିବା ପଦ୍ଧତି ଅନୁସରଣ କରାହେବ । ଉପରୋକ୍ତ ସର୍ତ୍ତ ସବୁ ପୂରଣ ହୋଇ ନଥିଲେ ମଧ ୧୯୮୮ ମସିହା ଠାରୁ ଏହି ପରିଚାଳନା ନିୟମ ଅନୁସୃତ ହୋଇ ଆସୁଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟକ୍ଷମ ହେବା ପରେ ୧୯୬୧ ମସିହା ଜୁଲାଇ ମାସ ୧୦ ତାରିଖ ଦିନ ଏହାର ଜଳଭଣ୍ଡାରକୁ ସର୍ବାଧିକ ୧୬ ଲକ୍ଷ ଘନଫୁଟ ସେକେଣ୍ଡ ପ୍ରତି ବନ୍ୟା ପ୍ରବେଶ କରିଥିଲା, ଯାହାକି ସମସ୍ତ ଗେଟ୍ ମାଧମରେ ୧୫ ଲକ୍ଷ ଘନଫୁଟ ସେକେଣ୍ଡ ପ୍ରତି (୧୨୪୫୦ କ୍ୟୁସେକ୍) ଜଳ ନିଷ୍କାସନ ହୋଇପାରିବା କ୍ଷମତା ଠାରୁ ମଧ ଅଧିକ । ଏବକ୍ାର ହିସାବରେ ସର୍ବୋଚ୍ଚ ବନ୍ୟା ପ୍ରବେଶ ପ୍ରାୟ ୨୩ ଲକ୍ଷ କ୍ୟୁସେକ୍ ହୋଇପାରେ ଏବଂ ଏପରି ବନ୍ୟା ଆସିଲେ ତାହା ମାଟିବନ୍ଧର ନିରାପତ୍ତା ପ୍ରତି ବିପଦ ହୋଇପାରେ । ବନ୍ଧ ଯଦି ଭାଙ୍ଗିଯାଏ ସୃଷ୍ଟି ହେବା ବନ୍ୟାର ପରିମାଣ ବହୁ ଅଧିକ (ପ୍ରାୟ ୭୫ ଲକ୍ଷ କ୍ୟୁସେକ୍) ହେବାର ସାଂକେତିକ ଆକଳନ କରାଯାଉଛି । ଏଥିରେ ମହାନଦୀ ତଳମୁଣ୍ଡ ଓ ତ୍ରିକୋଣ ଭୂମି ଅଞ୍ଚଳରେ କି ପ୍ରକାର କ୍ଷତି ହେବ ତାହା କଳ୍ପନାତୀତ । ଏପରି ବନ୍ୟାର ନିରାପଦ ନିଷ୍କାସନ ପାଇଁ ୧୯୭୬ ମସିହାରୁ ନୂଆ ଅତିରିକ୍ତ ସ୍ପିଲୱେର ନିର୍ମାଣ ପାଇଁ କେନ୍ଦ୍ରୀୟ ଜଳ କମିସନ ସୁପାରିସ କରିଛନ୍ତି । ଏହାର କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ ତାହା ଆଗେଇ ପାରିନାହିଁ । ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା ।

ହୀରାକୁଦ ଡ୍ୟାମ୍ ସ୍ପିଲୱେ ମାନଙ୍କରେ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଫାଟସବୁର ମରାମତି କରାଯାଇଛି । ବିଶେଷଜ୍ଞଙ୍କ ମତରେ ସୃଷ୍ଟ ଫାଟ ଯୋଗୁଁ ହୀରାକୁଦ ବନ୍ଧ ସ୍ପିଲୱେ ହଠାତ୍ ଭାଙ୍ଗିଯିବାର ବା ଅଚଳ ହେବାର ସମ୍ଭାବନା ନାହିଁ; କିନ୍ତୁ ଫାଟ ସୃଷ୍ଟିର କାରଣ, ଆଲକାଲି ସିଲିକା ରିଆକ୍ସନ ଏବେ ମଧ କିଛି ମାତ୍ରାରେ ଥିବାରୁ ଫାଟ ଓ ତା ସହିତ ସଂଲଗ୍ନ ବିଷୟର ନିୟମିତ ଯାଞ୍ଚ ଓ ଆବଶ୍ୟକ ପ୍ରତିକାର ଉପରେ ଗୁରୁତ୍ୱ ଦେବା ଜରୁରୀ ଅଟେ ।

ହୀରାକୁଦ ବନ୍ଧର ସୁରକ୍ଷା ଏହାର ଗେଟ୍‌ମାନଙ୍କର ସୁପରଚାଳନା ଉପରେ ନିର୍ଭରେ କରେ । ଜଳଭଣ୍ଡାରର କ୍ଷମତା ଏଥମଧକୁ ପ୍ରବେଶ କରୁଥିବା ଜଳ ପରିମାଣର କେବଳ ୬ ଭାଗରୁ ଏକ ଭାଗ ହୋଇଥିବାରୁ ଜଳ ନିଷ୍କାସନ ପାଇଁ ଗେଟ୍‌ଗୁଡ଼ିକର ସର୍ବଦା କାର୍ଯ୍ୟକ୍ଷମ ରହିବା ଆବଶ୍ୟକ ।

ବାମପାର୍ଶ୍ୱ ସ୍ପିଲୱେରେ ୪୦ଟି ଓ ଦକ୍ଷିଣ ପାର୍ଶ୍ୱ ସ୍ପିଲୟରେ ୨୪ଟି (ସମୁଦାୟ ୬୪ଟି) ନଦୀପତନ ସ୍ଲୁଇସ୍ ବ୍ୟବସ୍ଥା ଅଛି । ଏଥି ମଧରେ ଜଳପ୍ରବାହ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ ସମ୍ପାଦନ ସୁଡ଼ଙ୍ଗ ପଥ କ୍ଷମତାର କ୍ରେନ୍ ଅଛି । (ଅପରେସନ ଗ୍ୟାଲେରୀ) ପାଖରେ ଚକଲଗା ଗେଟ୍ ମାନ ଖଞ୍ଜା ଯାଇଛି । ଏହି ଗେଟ୍ ଚଳାଇବା ପାଇଁ ବାମ ଓ ଦକ୍ଷିଣ ପାର୍ଶ୍ୱ ସ୍ପିଲୱେ ଅପରେସନ ଗ୍ୟାଲେରୀରେ ଯଥାକ୍ରମେ ୫ ଓ ୩ଟି (ସମୁଦାୟ ୮ଟି) ୫୦ ଟନ୍ କ୍ଷମତାର କ୍ରେନ୍ ଅଛି ।

ଏହି ସ୍ଲୁଇସ୍ ଗେଟ୍ ସବୁ ୧୯୫୭ ମସିହା ପୂର୍ବରୁ ହୀରାକୁଦ ବନ୍ଧ ଗଠନ ସମାପ୍ତ ହେବା ପୂର୍ବରୁ ଖଞ୍ଜାଯାଇଛି । ପ୍ରତ୍ୟେକ ସ୍ପିଲୱେ ପାଇଁ ୨ଟି ଏମରଜେନ୍ସି ଗେଟ୍ ବ୍ୟବସ୍ଥା ଅଛି ଯାହାକି ୨ଟି ସଂଲଗ୍ନିତ ସ୍ଲୁଇସ୍ ଆଗରେ ଜଳଭଣ୍ଡାର ପାଖରୁ ପକାଯାଇ ସ୍ଲୁଇସ୍ ଗେଟ୍‌କୁ ବାହାରକୁ ଆଣି ମରାମତି କରାଯାଇପାରିବାର ବ୍ୟବସ୍ଥା ଅଛି । ପ୍ରତ୍ୟେକ ସ୍ପିଲୱେ ଉପରେ ବ୍ୟବସ୍ଥିତ ଥିବା ଗୋଟିଏ ଲେଖାଏଁ ୧୦୦ ଟନ୍ କ୍ଷମତା ବିଶିଷ୍ଟ ଗାଣ୍ଡି କ୍ରେନ୍ ଏହି ଏମରଜେନ୍ସି ଗେଟ୍ ଦୁଇଟିକୁ ଗୋଟିଏ ପରେ ଗୋଟିଏ ପକାଇ ପାରିବ । ୧୯୫୭ ମସିହାରେ ଶୀଘ୍ର ଜଳଭଣ୍ଡାର ପୂର୍ଣ୍ଣ ହୋଇଯିବା ଦ୍ୱାରା ଗାଣ୍ଡି କ୍ରେନ୍ ଅଭାବରୁ ଏମରଜେନ୍ସି ଗେଟ୍ ବ୍ୟବସ୍ଥା ପରିକ୍ଷିତ ହୋଇପାରି ନଥିଲା ।

୧୯୮୭ରୁ ୧୯୯୧ ମଧରେ ୬୧ଟି ସ୍ଲୁଇସ୍ ଆଗରେ ସ୍ପିଲୱେ ସମ୍ମୁଖ ଭାଗରେ ଥିବା ବାଧା ଦାନକାରୀ କଂକ୍ରିଟ୍ ଓ ଲୁହାଛଡ଼କୁ ବୁଡ଼ାଳିଙ୍କ ସାହାଯ୍ୟରେ ପାଣିଭିତରେ କାଟି ସଫା କରାଯାଇଥିଲା । ତେଣୁ ବର୍ତ୍ତମାନ ଏମରଜେନ୍ସି ଗେଟ୍‌ମାନ ପଡ଼ିପାରୁଛି ଓ ଗେଟ୍ ବାହାର କରି ମରାମତି କରାଯାଇପାରିବ । ୨୦୦୩-୦୪ ମସିହାରେ ସମସ୍ତ ସ୍ଲୁଇସ୍ ଗେଟ୍ ଗୋଟି ଗୋଟି କରି ବାହାର କରି ନିୟମାନୁସାରେ ମରାମତି କରାଯାଇ ପୁଣି ବସାଯାଇଛି । ଏବେ ୪ଟି ବଳକା ଗେଟ୍ ମଧ ନୂଆ ତିଆରି କରି ରଖାଯାଇଛି ।


ପ୍ରତିବର୍ଷ ପ୍ରାୟ ୧୩ଟି ଗେଟ୍ ବାହାରକୁ ଆଣି ତଦାରଖ ମାନୁଆଲ ହିସାବରେ ମରାମତି କରି ପୁନଃସ୍ଥାପନ କଲେ ୫ ବର୍ଷ ନିୟମିତ କାଳକ୍ରମରେ ସମସ୍ତ ଗେଟ୍ ମରାମତ ହୋଇପାରିବ । ମନେରଖିବାକୁ ହେବ - ଗେଟ୍ ସମୂହ ବନ୍ଧର ଜୀବନ ରେଖା ।

ହୀରାକୁଦ ବନ୍ଧର ନିରାପଦ ତଦାରଖ ପାଇଁ ମୁଖ୍ୟ ବନ୍ଧର ଦୁଇ ପାଖ ଗେଟ୍‌ରେ ପୁଲିସ୍ ବ୍ୟବସ୍ଥା କରାଯାଇଛି । କିନ୍ତୁ ନିରାପତ୍ତା ପ୍ରତି ଅସଲ ବିପଦ ସ୍ପିଲୱେମାନଙ୍କର ତଳ ପାଖରୁ । ସ୍ଲୁଇସ୍ ସୋଠମାନଙ୍କ ଭିତର ଦେଇ ଆତଙ୍କବାଦୀ ପ୍ରବେଶ କରି ଅପରେସନ ଗ୍ୟାଲେରୀ ମଧକୁ ଯାଇ ବିସ୍ଫୋରଣ କରିବା କିମ୍ବା କ୍ରେନ୍ ପ୍ରଭୃତିର କ୍ଷତି କରିବାର ସମ୍ଭାବନା ଥାଏ । ଏସବୁ ଦିଗରୁ ନିରାପତ୍ତା ବ୍ୟବସ୍ଥା ଦୃଢ଼ କରିବା ଆବଶ୍ୟକ । ଭିତର ଓ ବାହାର ନିରାପତ୍ତା ପାଇଁ ବିଭାଗୀୟ ଚୌକିଦାର ବ୍ୟବସ୍ଥା ଢିଲା କରିବା ଉଚିତ ନୁହେଁ ।

ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ସ୍ପିଲୱେରେ ୧.୫୨୫ ମି. ୨.୧୩୫ ମି. ଆକାରର ଭିତ୍ତି ପତନର ଜଳ ନିଷ୍କାସନ ସୁଡ଼ଙ୍ଗ (ଫାଉଣ୍ଡେସନ ଗ୍ୟାଲେରୀ) ପଥ ଓ ବାମ ସ୍ପିଲୱେରେ ୦.୯୦ ମି. ବ୍ୟାସର ପାଇପ୍ ମଧ ଦେଇ ମୂଳଦୁଆରୁ ଜଳ ନିଷ୍କାସନ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ଫଳାଫଳର ବିଶ୍ଳେଷଣ କରିବା ଦରକାର । ଏହା ଉପରେ ସ୍ପିଲୱେର ସୁରକ୍ଷା ନିର୍ଭର କରେ । ଏଠାରେ ଉଲ୍ଲେଖ କରାଯାଇ ପାରେ କି, ସ୍ଲୁଇସ୍ ଗେଟ୍ ସବୁକୁ ନିୟନ୍ତ୍ରଣ ପାଇଁ ଦିଆଯାଇଥିବା ୧୧୨୩ ଫୁଟ ଆକାରର ନିୟନ୍ତ୍ରଣ ଗ୍ୟାଲେରୀ, ସ୍ଲୁଇସ୍ ସୋଠ ସମୂହ, ଭିତ୍ତି ପତନର ଜଳ ନିଷ୍କାସନ ଗ୍ୟାଲେରୀ ସବୁକୁ ମିଶାଇଲେ ହୀରାକୁଦ ବନ୍ଧ ଏକ ପୋଲା ବନ୍ଧ ହିସାବରେ ଧରାଯାଏ । ଏହା ସହିତ ହୀରାକୁଦ ବନ୍ଧ ନକ୍ସା ପରିକଳ୍ପନାରେ ଭୂମିକମ୍ପ ସୁରକ୍ଷା ନିଆଯାଇନାହିଁ । ତେଣୁ ହୀରାକୁଦ ବନ୍ଧର ପରିଚାଳନାରେ ଏହାର ସୁରକ୍ଷା ପ୍ରାଥମିକତା ନିହାତି ଆବଶ୍ୟକ ।

ହୀରାକୁଦ ସଂଲଗ୍ନ ନଥିପତ୍ର ନକ୍ସା ଓ ନିୟମାବଳୀ ଏତେ ବେଶୀ ଯେ, ସେ ସବୁକୁ ଜଣେ ନିଷ୍ଠାର ସହିତ ଅଧ୍ୟୟନ କରି ଉପଯୋଗ କରିବା ସମୟସାପେକ୍ଷ । ହୀରାକୁଦ ବନ୍ଧର ପରିଚାଳନା ପାଇଁ ଅଭିଜ୍ଞତା ସାଧାରଣ ଅଭିଜ୍ଞତା ଠାରୁ ସ୍ୱତନ୍ତ୍ର ଓ ଅନନ୍ୟ । ବନ୍ଧ ପରିଚାଳନା କର୍ମଚାରୀଙ୍କ ଅଭିଜ୍ଞତାକୁ ସୁବିନିଯୋଗ କରିବା ଉଚିତ ।

ହୀରାକୁଦ -ମୁଖ୍ୟ ବନ୍ଧର ବନ୍ୟା ପରିଚାଳନା ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ବିପଦଜନକ ଅବସ୍ଥାରେ କାମ କରୁଥିଲେ ହେଁ ସେମାନଙ୍କ ପାଇଁ କୌଣସି ବୀମା ନାହିଁ । ଏପରିକି ମାନବ ସମ୍ବଳ ଅଭାବ ମଧ ରହିଛି । ସମସ୍ତ ଅନୁମୋଦିତ ପଦ ସମୀକ୍ଷା ପରେ ପୂରଣ ଜରୁରୀ । ଏବେ ସମୁଦାୟ ୮ଟି କ୍ରେନ୍ ପାଇଁ କେତେ କେନ୍ ଅପରେଟର ଅଛନ୍ତି ତାହା ବିଚାର୍ଯ୍ୟ ବିଷୟ ।



# ଗ୍ରାମ ଅର୍ଥନୀତି

## ମହାତ୍ମା ଗାନ୍ଧୀ

**ମୋ**' ପାଖରେ ବର୍ତ୍ତମାନ ତାହାର କୌଣସି ଐତିହାସିକ ପ୍ରମାଣ ନାହିଁ ସତ, ମାତ୍ର ମୋ'ର ବିଶ୍ୱାସ ଯେ, ଭାରତବର୍ଷରେ ଏଭଳି ଗୋଟିଏ ସମୟ ଥିଲା, ଯେତେବେଳେ କି ଗ୍ରାମର ଅର୍ଥନୀତି ଏହିପରି କେତୋଟି ଅହିଂସ ଜୀବିକାକୁ ଆଧାର କରି ହିଁ ସଂଗଠିତ ହେଉଥିଲା । ମନୁଷ୍ୟର ଅଧିକାର ଗୁଡିକୁ ନୁହେଁ, ତା'ର କର୍ତ୍ତବ୍ୟଗୁଡିକୁ ଭୂମି କରି ସଂଗଠିତ ହେଉଥିଲା । ଯେଉଁମାନେ ଏହିଭଳି ଧନ୍ଦାଗୁଡିକୁ ଅବଲମ୍ବନ କରି ରହିଥିଲେ, ସେମାନେ ଆପଣାର ଜୀବିକାନିର୍ବାହ ଅବଶ୍ୟ କରୁଥିଲେ, ମାତ୍ର ସେମାନଙ୍କ ଶ୍ରମର ସାମୂହିକ ମଙ୍ଗଳ ଲାଗି ମଧ ଏକ ଅବଦାନ ରହିଥିଲା । ଏହି ଯାବତୀୟ ଉଦ୍ୟୋଗ ଓ ଧନ୍ଦାର ସବାମୂଳରେ ଶରୀର ଶ୍ରମ ରହିଥିଲା ଏବଂ ବୃହତ୍ ଆକାରର କୌଣସି ଯନ୍ତ୍ରୋତ୍ପାଦନ ସେତେବେଳେ ନ ଥିଲା । କାରଣ ଜଣେ ମଣିଷ ତା' ନିଜ ଶ୍ରମଦ୍ୱାରା ଯେତିକି ଜମି ଆବାଦ କରି ପାରିବ, ଯେତେବେଳେ ସେ ସେତିକି ଜମ ହାତରେ ରଖି ସନ୍ତୋଷ ଲାଭ କରି ପାରେ, ସେତେବେଳେ ସେ ଅନ୍ୟମାନଙ୍କୁ କଦାପି ଶୋଷଣ କରି ଯିବ ନାହିଁ । ହସ୍ତଶିଳ୍ପରେ ଶୋଷଣ ଏବଂ ଦାସତ୍ୱ ନିମନ୍ତେ କୌଣସି ସ୍ଥାନ ନ ଥାଏ । ବୃହତ୍ ଆକାରର ଯନ୍ତ୍ରୋତ୍ପାଦନ ସବୁ ଧନ ସମ୍ପତ୍ତିକୁ ଆଣି ଜଣେ ବ୍ୟକ୍ତିର ହାତରେ ଠୁଳ କରି ରଖେ, ଯିଏକି ଅନ୍ୟମାନଙ୍କ ଉପରେ ମାଲିକ ହୋଇ ବସେ ଓ ଅନ୍ୟମାନେ ଦାସ ପରି ତା'ର ସେବା ଖଟନ୍ତି । କାରଣ ନିଜ ଶ୍ରମିକମାନଙ୍କ ସକାଶେ ସିଏ ହୁଏତ ଆଦର୍ଶ ବାତାବରଣମାନ ସୃଷ୍ଟି କରି ରଖିବାକୁ ଚେଷ୍ଟା କରୁଥାଏ ସତ, ମାତ୍ର ତାହାକୁ ତଥାପି ଶୋଷଣ ବୋଲି କୁହାଯିବ ଓ ଶୋଷଣକୁ ଗୋଟିଏ ପ୍ରକାରର ହିଂସା ବୋଲି ମଧ କୁହାଯିବ ।

ଏହିପରି ଏକ ସମୟ ଥିଲା ଯେତେବେଳେ କି ସମାଜ ଶୋଷଣ ଉପରେ ନୁହେଁ, ମାତ୍ର ନ୍ୟାୟ ଉପରେ ଆଧାରିତ ହୋଇ ରହିଥିଲା ବୋଲି କହିବା ବେଳେ ମୁଁ କେବଳ ଏତିକି ସୂଚାଇ ଦେବାକୁ ଇଚ୍ଛା କରୁଛି ଯେ ସତ୍ୟ ଓ ଅହିଂସା ସେତେବେଳେ କେବଳ କେତେ ଜଣ ବ୍ୟକ୍ତିଙ୍କର ଜୀବନରେ ସୀମାବଦ୍ଧ ହୋଇ ରହିଥିବା ଗୋଟିଏ ଗୋଟିଏ ଗୁଣ ନ ଥିଲା, ମାତ୍ର ବହୁ ଗୋଷ୍ଠୀର ଜୀବନରେ ମଧ ତାହାର ଅନୁଶୀଳନ ହେଉଥିଲା । ମୋ' ମତରେ ଯେତେବେଳେ କୌଣସି ଗୁଣ କେବଳ କେତେଜଣ ବ୍ୟକ୍ତିଙ୍କର ଜୀବନରେ ବନ୍ଦୀ ହୋଇ ରହେ ଅର୍ଥାତ୍ ସମ୍ଭବ ହେଉଥାଏ, ସେତେବେଳେ ସେହି ଗୁଣର ଆଉ ଆଦୌ କୌଣସି ମୂଲ୍ୟ ରହେ ନାହିଁ ।

# ଥକାପଣ ଦୂର କରେ ବିଟ୍



**ଆ**ମେରିକାନ୍ ଜର୍ନଲ ଅଫ୍ ଇଣ୍ଟରାକ୍ଟିଭ ଆଣ୍ଡ କମ୍ପାରେଟିଭ ଫିଜିଓଲଜିରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଅନୁସାରେ ବିଟ୍ ଶରୀରର ଥକ୍କାପଣ ଦୂର କରିବାରେ ସହାୟକ ହୋଇଥାଏ । ସାଲଡ଼ରେ କିମ୍ବା ଜୁସ୍ ରୂପରେ ବିଟ୍‌କୁ ନିୟମିତ ଆହାରରେ ସାମିଲ କଲେ ଅସମୟରେ ଥକ୍କାପଣ ତଥା ବ୍ୟାୟାମ କରିବା ପରେ ଅନୁଭୂତ ହେଉଥିବା ଥକ୍କାପଣରୁ ମୁକ୍ତି ମିଳିଥାଏ । ପ୍ରକୃତରେ ଏହା ରକ୍ତରେ ଅମ୍ଳଜାନର ମାତ୍ରା ବଢ଼ାଇବାରେ ସହାୟକ ହୋଇଥାଏ । ଏଥିପାଇଁ ଏହାର ନିୟମିତ ସେବନ ଦ୍ୱାରା ଥକ୍କାପଣ ଦୂର ହୋଇଯାଇଥାଏ ।


## ସ୍ୱର୍ବେଦ

ଯହାଁ ୱହାଁ ସବ କ୍ଷରହିଁ ହୈ,
କ୍ଷର ନ୍ୟୂନାଧିକ ଧାମ ।
କ୍ଷର ପୌ ମାୟା ଜଗତ୍ ମେଁ,
ଜିୱ ସବ ଭୟେ ବେକାମ ॥୧୩॥

ଭାଷ୍ୟ - ଜଗତରେ ଏଠି ସେଠି ଛୋଟ ବଡ଼ ସ୍ଥାନ ଅର୍ଥାତ୍ ପ୍ରକୃତି ମଣ୍ଡଳର ଭିତରେ ଏବଂ ବାହାରେ ସ୍ଥୁଳ ଓ ସୂକ୍ଷ୍ମ ସମସ୍ତ ସ୍ଥାନ କ୍ଷର ଅଟନ୍ତି । ମାୟାର ବିକୃତିରୁ ସୃଷ୍ଟ ଜଗତ କ୍ଷର ଅଟେ । ଯେଉଁ କ୍ଷରରେ ସମସ୍ତ ପ୍ରାକୃତିକ ଜୀବ ପତିତ ହୋଇ ବ୍ୟର୍ଥରେ ଦୁଃଖ ଭୋଗ କରୁଛନ୍ତି । ଜୀବର ଦୁଃଖର କାରଣ ଅଜ୍ଞାନତାରୁ ସୃଷ୍ଟ ପ୍ରକୃତି ସହ ସମ୍ବନ୍ଧ ଅଟେ ।

କର୍ମ ୱର୍ଣ୍ଣ କରତା ହମୀ, ଦୋ
ମେଁ ସବ ୱିସ୍ତାର ।
ସୋ ପୌ ମମ ପ୍ରତିବିମ୍ବ ହୈ,
ଆପନ ରୂପ ସଂହାର ॥୧୪॥

ଭାଷ୍ୟ - ଆମ୍ଭେ ହିଁ ସମସ୍ତ କର୍ମ ଆଉ ବର୍ଣ୍ଣର କର୍ତ୍ତା ଅଟୁଁ । କର୍ମ ଓ ବର୍ଣ୍ଣ ଦ୍ୱାରା ହିଁ ସଂସାରରେ ସମସ୍ତ ବିସ୍ତାର ହୋଇଛି । ସେହି ବିସ୍ତାରୀତ କ୍ଷର ଓ ମାୟା ମୋର ପ୍ରତିବିମ୍ବ ଅଟନ୍ତି ଅର୍ଥାତ୍ ମୋ ଦ୍ୱାରା କର୍ମ ଆଉ ବର୍ଣ୍ଣର ବିସ୍ତାର ହେଉଅଛି । ତେଣୁ କ୍ଷରକୁ ଛାଡ଼ି ନିଜର ଚେତନ ଆତ୍ମସ୍ୱରୂପକୁ ସମ୍ଭାଳିବା ପାଇଁ




ପ୍ରଯତ୍ନ କରିବା ଉଚିତ ।

ପୌ ହମସେ ହମ ପୌ ନହୀଁ,
ହମ ଛାୟା କର ମୂଲ ।
ପୌ ଅରୁ ଆପନ ରୂପ କୋ,
ପରଖୋ ଶବ୍ଦ ନ ଭୂଲ ॥୧୫॥

ଭାଷ୍ୟ - ପ୍ରକୃତି ମୋ ଠାରୁ ଜାତ ହୋଇଛି, ମାତ୍ର ମୁଁ ପ୍ରକୃତି ନୁହେଁ । ମୁଁ ସେହି ପ୍ରକୃତି ଛାୟାର ମୂଳ ଅଟେଁ । ତେଣୁ ପ୍ରକୃତିରେ ନ ଭୂଲି ନିଜର ସ୍ୱରୂପକୁ ଚିହ୍ନି ଅକ୍ଷରପାର, ନିଃଶବ୍ଦ, ସାରଶବ୍ଦଙ୍କର ପରୀକ୍ଷଣ କରି ଆନନ୍ଦର ଉପଭୋଗ କର ।

ପୌ ଫନ୍ଦା ମେଁ ଜଗ ଫଁସେ,
ପୌ କର ଚାଲ ୱିଲୋମ ।
ମୁସରୀ ଖାୟ ମଜାର କୋ,
ସ୍ୟାର ସିଂହ ସଂଗ ଝୋମ ॥୧୬॥

ଭାଷ୍ୟ - ମାୟାର ଫାଶରେ ସଂସାର ଫଶି ରହିଛି । ମାୟାର ଗତି ଓଲଟା । ଯେପରି, ମୂଷା ବିରାଡ଼ିକୁ ଖାଉଅଛି ଆଉ ଶୃଗାଳ ସିଂହ ସାଥୀରେ ଖେଳୁଅଛି ଅର୍ଥାତ୍ ସିଂହ ରୂପୀ ଆତ୍ମା ସହିତ ଶୃଗାଳ ରୂପୀ ମାୟା କ୍ଷର ଖେଳୁଅଛି ଏବଂ ମୂଷିକା ରୂପୀ କ୍ଷର ମାୟା କ୍ଷର ମାୟା ବିରାଡ଼ି ରୂପୀ ଆତ୍ମାକୁ ଖାଉଅଛି ।

ଚିଂଉଟୀ ମୁଖ ଗଜ ଜାତ ହୈ,
ବୁନ୍ଦ ମେଁ ସିନ୍ଧୁ ସମାୟ ।
ତମ ପ୍ରକାଶ ଭୋଜନ କରେ,
ବାଲ ଗୋଦ ଖେଲ ମାୟ ॥୧୭॥

ଭାଷ୍ୟ - ପିମ୍ପୁଡ଼ି ମୁହଁରେ ହାତୀ ପଶି ଯାଉଛି ତଥା ଜଳବିନ୍ଦୁରେ ସମୁଦ୍ର ପଶି ଯାଉଛି । ଯେମିତି ଅନ୍ଧାର ଆଲୁଅକୁ ଗ୍ରାସ କରୁଅଛି ଏବଂ ବାଳକର କୋଳରେ ମାତା ଖେଳୁଅଛି । ପ୍ରକୃତି, କ୍ଷର ଆଉ ମାୟାରେ ଆତ୍ମା ଭ୍ରମିତ । ଏହାକୁ ପିମ୍ପୁଡ଼ି, ହସ୍ତୀ ଆଉ ଜଳବିନ୍ଦୁ ଏବଂ ସମୁଦ୍ରର ଉଦାହରଣ ଦେଇ ବୁଝାଇ ଦିଆଯାଇଛି ।

ଭକ୍ଷକ ସୋ ରକ୍ଷକ ବନେ,
କରତା କର୍ମ ଝକୋର ।
ପୌ ଫନ୍ଦା ସମଝେଁ ବିନା, ଜିୱ
ଦୁଃଖ ପାୱତ ମୋର ॥୧୮॥

ଭାଷ୍ୟ - ଇନ୍ଦ୍ରିୟମାନଙ୍କର କର୍ମ, ଆତ୍ମସତ୍ତାକୁ ନିମ୍ନଗାମୀ କରାନ୍ତି । ଏହି ପ୍ରକୃତି, କ୍ଷର ଆଉ ମାୟା ଆତ୍ମାର ଜ୍ଞାନକର୍ମକୁ ଖାଇ ଯାଆନ୍ତି । ତାକୁ ମୁଁ ନିଜର ଅଜ୍ଞାନତାରୁ ନିଜର ସହାୟକ ଏବଂ ରକ୍ଷକ ବୋଲି ମନେକରୁଛି । କର୍ତ୍ତା ନିଜ କର୍ମର ପ୍ରବାହରେ ପଡ଼ି ମହାନ୍ ଦୁଃଖକୁ ପ୍ରାପ୍ତ କରେ । ମାୟାର ଫାଶକୁ ନ ବୁଝି ପ୍ରଭୁଙ୍କର ସମସ୍ତ ଜୀବ ଦୁଃଖ ଭୋଗ କରୁଛନ୍ତି । ସେଥିପାଇଁ, ପ୍ରକୃତି, କ୍ଷର ଆଉ ମାୟାର ଜ୍ଞାନ କରି, ଆତ୍ମସ୍ୱରୂପକୁ ଚିହ୍ନି, ମହାପ୍ରଭୁଙ୍କର ଭକ୍ତି କରିବା ଉଚିତ ।

(ମନ) ଅକ୍ଷର ସେ ମନ
ଉପଜେ, ଜଡ଼ ଚେତନ ନହିଁ ରୂପ ।
ମଧ୍ୟମ ଅଂଶ ପ୍ରମାଣ ହୈ,
ଆଗାନ୍ତୁକ ଭୱ ରୂପ ॥୧୯॥

ଭାଷ୍ୟ - ଅକ୍ଷରରୁ ମନ ପ୍ରକଟ ହୋଇଥାଏ । ତାହା ଜଡ଼ ଅବା ଚେତନସ୍ୱରୂପ ନୁହେଁ । ଏ ଦୁଇଟିରୁ ଭିନ୍ନ ମନ ଏକ ସ୍ୱତନ୍ତ୍ର ଆଗନ୍ତୁକ ଅଟେ । ତାହାର ମଧ୍ୟମ ଅଂଶ ଅଛି ଅର୍ଥାତ୍ ଜଡ଼ ଚେତନ ଉଭୟଙ୍କ ଠାରୁ ଭିନ୍ନ ତତ୍ତ୍ୱ ଅଟେ । ଏହା ତାହାର ପରିମାଣ ଅର୍ଥାତ୍ ମାପଯୋଖ ଅଟେ ।

## ତପ

ଯାହା ପାପ–ତାପକୁ ହରଣ କରିନିଏ, ଚିନ୍ତା– ଦ୍ୱେଷର ବିନାଶ କରି ସମତ୍ୱ ଭାବରେ ସ୍ଥାପିତ କରିଥାଏ, ତାହାକୁ ତପ କୁହାଯାଏ । ଏପରି ତପ ଯେଉଁମାନେ କରିଛନ୍ତି, ସେମାନେ ବଡ଼ ସୌଭାଗ୍ୟବାନ୍, ସେମାନେ ନିଜର ସଞ୍ଚ ଉର୍ଦ୍ଧ୍ୱ ଦ୍ୱାରା ମହାନ୍ କାର୍ଯ୍ୟ କରିବାରେ ସଫଳ ହୋଇଛନ୍ତି । ତପ ଯେଉଁମାନଙ୍କୁ ଜୀବନ ଦେଇଛି, ସେମାନେ ସଜଳ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଛନ୍ତି । ତପ ଦ୍ୱାରା ଆମ ଭିତରେ ମନୁଷ୍ୟତାର ସ୍ୱରୂପ ଦୃଷ୍ଟିଗୋଚର ହୁଏ । ତପ ସେହି ବିଶାଳ ସମ୍ବଳ, ଯାହା ହୃଦୟର ହିମାଳୟରୁ ଉତ୍ପନ୍ନ ହୋଇ ମହାନ୍ କଲ୍ୟାଣକାରୀ ବୋଲାଇଥାଏ ।

ତପରେ ଏକ ଅନାଦି ଶକ୍ତିର ଧାରା ଅଛି, ଯାହା ପ୍ରତ୍ୟେକ ଯୁଗରେ ବିଶିଷ୍ଟ ପରିସ୍ଥିତିରେ ସମୟ ଅନୁକୂଳ ଉତ୍ପନ୍ନ ହୋଇଥାଏ । ତପ ହିଁ ମହାମାନବ ହେବାର ଯାତ୍ରା । ଏବେ ଏଇ ତପକୁ କରିବା କେମିତି ? ଏହା ବୁଝିବା-ବିଚାରିବାର ବିଷୟ । ତପ ପାଇଁ ଆପଣ କଠୋର ବ୍ରତ ଓ ଅନୁଶାସନ ପାଳନ କରିବା କୌଣସି ଅନିବାର୍ଯ୍ୟ ଆବଶ୍ୟକତା ନୁହେଁ, ତଥାପି ହୃଦୟରେ ସମାହିତ ଭଗବାନଙ୍କ ପାଇଁ ତପ କରିବାର ଅର୍ଥ ତପକୁ ଆମେ ସେହି ସାଧନ ରୂପରେ ଗ୍ରହଣ କରିବା, ଯଦ୍ୱାରା ଆମର ଆତ୍ମପରିଷ୍କାର ହେବ, ଚିନ୍ତନ ସୁଦୃଢ଼ ହେବ ଏବଂ ଜୀବନରେ ଆମକୁ କଲ୍ୟାଣକାରୀ ପ୍ରୟୋଜନଗୁଡ଼ିକୁ ଗ୍ରହଣ କରିବାର ଦିଶା ପ୍ରାପ୍ତ ହେବ ।

ତପ ଦ୍ୱାରା ଅନେକ ମହାମାନବ ସେହି ବିଶେଷତାଗୁଡ଼ିକୁ ଅର୍ଜନ କରିଛନ୍ତି, ଯାହାକି ଜୀବନରେ କୌଣସି ଦିଶାରେ ସେମାନଙ୍କ ସକାଶେ ଉପଯୋଗୀ ହୋଇଥାଏ । ତପ ବାସ୍ତବରେ ସାମର୍ଥ୍ୟ ବିକଶିତ କରିବାର କଳା । ତପର ଏକ ଅର୍ଥ ହେଲା ଇନ୍ଦ୍ରିୟଗୁଡ଼ିକର ସଦ୍‌ଜାଗୃତି, ଦ୍ୱିତୀୟ ଅର୍ଥ ହେଲା ମନର ବିଚଳନକୁ ମାରିଦେଇ ତାହାକୁ ଉଭୟ ପକ୍ଷୀୟ ନିର୍ମାଣ ଦିଗରେ ପ୍ରେରିତ କରିବା । ତପ ଦ୍ୱାରା ଜୀବନ ପ୍ରଫୁଲ୍ଲିତ ହୋଇ ଉଠେ, ସଦଭାବନା ଜାଗି ଉଠେ, ଚରିତ୍ର ନିର୍ମଳ ହୋଇ ମନୁଷ୍ୟକୁ ତା' ସୌଭାଗ୍ୟର ପଥ ପ୍ରଦାନ କରିଥାଏ । ତପ ହିଁ ବାସ୍ତବରେ ଜୀବନକୁ ଅମରତା ଓ ଉଚ୍ଚତା ପ୍ରାପ୍ତ କରାଇବାର ଚାବି ।

ତପଠାରୁ ବଡ଼ ଆଉ କିଛି ନାହିଁ, କିନ୍ତୁ ସେହି ତପକୁ ଦିଶା ମିଳିବାକୁ ହେଲେ ମନୁଷ୍ୟ ସ୍ୱୟଂ ନିଜ ପ୍ରତିଭାର ପରିଷ୍କାର ଏବଂ ତାହାର ନିୟମନର କଳା ଜାଣିଥିବା ଆବଶ୍ୟକ ।

ନିଜର ଆତ୍ମିକ ସୌନ୍ଦର୍ଯ୍ୟକୁ ବିକଶିତ କରିବାର କଳା ହିଁ ତପ । ତେଣୁ ଇନ୍ଦ୍ରିୟଗୁଡ଼ିକ ସହିତ ଅନ୍ତଃକରଣର ବିଷୟ ବିକାରଗୁଡ଼ିକୁ ଜାଳିଦେବା ଏବଂ ଆତ୍ମାକୁ ଉଚ୍ଚ ଓ ମହାନ୍ ହେବା ପାଇଁ ସୁଯୋଗ ଦେବାକୁ ହିଁ ତପ କହିବା ଉଚିତ । ଏପରି ତପ ଯଦି ସାଧ ହୋଇଯିବ ତେବେ ଏହାର ପରିଣାମ ସୁଖଦ ଓ ଆଶ୍ଚର୍ଯ୍ୟଜନକ ହେବା ସୁନିଶ୍ଚିତ । କ୍ରିୟାଗୁଡ଼ିକର ନିର୍ଦ୍ଧାରଣ ଭାବ ଦ୍ୱାରା ହୋଇଥାଏ, ଭାବ ପରିଷ୍କୃତ ହୋଇଗଲେ ମାନବ-ମର୍ଯ୍ୟାଦାକୁ ଉଚ୍ଚକୁ ଉଠାଇବା ଏବଂ ସେବା ପ୍ରକଳ୍ପଗୁଡ଼ିକରେ ଯାଇ ଲାଗିବାରେ ବିଳମ୍ବ ହୁଏ ନାହିଁ । ତପ ହେଉଛି ସେହି ବିଶାଳ ଅନ୍ତରାତ୍ମାର ଜାଗରଣ, ଯଦ୍ୱାର ପୁଣ୍ୟ ପ୍ରୟୋଜନ ହେତୁ ଆବଶ୍ୟକ ଶକ୍ତି ଓ ଉତ୍ସାହ ପ୍ରାପ୍ତ ହୋଇଥାଏ ।

ତପସ୍ୱୀ ହିଁ ମାନବତାର ସଚ୍ଚା ସଂରକ୍ଷକ । ଯେଉଁମାନେ ବି ତପ କରିଛନ୍ତି, ନିଜର ବ୍ୟବହାରକୁ ପରିଷ୍କୃତ କରି ଉଦାତ୍ତ ଚିନ୍ତନର ସହିତ ଆଗକୁ ବଢ଼ିଛନ୍ତି, ଜୀବନରେ ସେମାନେ ହିଁ ସଚ୍ଚା ସଫଳ ବୋଲାଇ ଥାଆନ୍ତି । ତପର ଅର୍ଥ ନିରନ୍ତର ସେହି ସପ୍ରୟୋଜନ ନିମନ୍ତେ ଆତ୍ମାହୁତି ଦେବା, ଯାହା ମନୁଷ୍ୟକୁ ଚରିତ୍ରରେ ମହାନ୍ ଓ ଅନ୍ତରାତ୍ମା ଦୃଷ୍ଟିରୁ ସଶକ୍ତ କରିଥାଏ । ତପ ହିଁ ଜୀବନର ମୂଳ ସୂତ୍ର । ଯଦି ଏହାକୁ ବୁଝି ନିଆଯାଏ, ବ୍ୟବହାର ପରିବର୍ତ୍ତନ କରାଯାଏ, ସ୍ୱୟଂକୁ ଉତ୍କୃଷ୍ଟ ଓ ଅନୁପମ ଢାଞ୍ଚାରେ ଗଢ଼ି ଦିଆଯାଏ, ତାହେଲେ ତପର ଉଦ୍ଦେଶ୍ୟ ସଫଳ-ସିଦ୍ଧ ହୋଇଥାଏ ତଥା ତପ ଏହି ଜୀବନକୁ ପୂର୍ଣ୍ଣ ପରିଷ୍କୃତ କରିବା ଦିଗରେ ଆଗକୁ ବଢ଼ିଥାଏ ।

ତପ ହିଁ ମନୁଷ୍ୟତାର ସମ୍ବଳ, ତା'ର କଲ୍ୟାଣକାରୀ ସ୍ୱରୂପର ସୂଚକ ତଥା ତା'ର ଚିର ମୂଲ୍ୟର ପ୍ରତିନିଧି ଯେତେବେଳେ ଆମେ କହୁ ଯେ ଆମର ଏହି ଜୀବନ ତପ ଦ୍ୱାରା ହିଁ ସଂରକ୍ଷିତ ହୋଇ ପାରିବ, ତେବେ ତାହାର ଅର୍ଥ ହେଉଛି ତପ ନିରନ୍ତର ଘଟିତ ହେଉଥିବା ପ୍ରକ୍ରିୟା ।

ଶରୀରରେ ବୁନ୍ଦାଏ ରକ୍ତ ବାକି ଥିବା ପର୍ଯ୍ୟନ୍ତ ତପ ଚାଲିଥାଏ । ବାୟୁର ବେଗ ନିରନ୍ତର ଆମକୁ କିଛି କରିବା ପାଇଁ ପ୍ରେରିତ କରିଥାଏ, ସମର୍ପଣର ପରାକାଷ୍ଠା ବର୍ତ୍ତମାନ ସମୟରେ ଆମକୁ ଏ ପ୍ରକାର ଚିନ୍ତନ ଓ ଦାୟିତ୍ୱ ବୋଧ ରଖିବାର ଆହ୍ୱାନ କରିଥାଏ । ଯେତେବେଳେ ଏହା ହୋଇଯିବ ତ ଅନ୍ୟ କୌଣସି କଥା ଚିନ୍ତା କରିବାର ଆବଶ୍ୟକତା ରହିବ ନାହିଁ ।

ତପସ୍ୱୀ ଅନ୍ତଃକରଣ ଯୁକ୍ତ ବ୍ୟକ୍ତିତ୍ୱ ନିଜ ପାଇଁ ସ୍ୱୟଂ ମାର୍ଗ ଖୋଜିନିଏ, ଆଗକୁ ବଢ଼ିଥାଏ ଏବଂ ଆଦର୍ଶ ଓ ଅନୁପମ ସ୍ତରର କାର୍ଯ୍ୟ କରି ଦେଖାଇଥାଏ । ଯିଏ ବି ଜୀବନର ବାସ୍ତବିକ ମୂଲ୍ୟ ଓ ତାହାର ଚିର ସମ୍ପଦର ଅବଗାହନ କରିଛି, ମନରେ ଉଚ୍ଚକୁ ଉଠିବାର ଉତ୍ସାହକୁ ଜନ୍ମ ଦେଇଛି ତଥା ଲୋକକଲ୍ୟାଣର ମହତ୍ତର ଦାୟିତ୍ୱ ନିଜ କାନ୍ଧକୁ ନେଇଛି, ତପ କେତେ ମହାନ୍ ଗୁଣ ବୋଲିସେ ବୁଝି ପାରିଛି ।

ଏଥିରେ ପ୍ରତି କ୍ଷଣ ନିଜର ଅନ୍ତଃକରଣକୁ ତପାଇବାକୁ ପଡ଼ିଥାଏ, ତାହାକୁ ସୁବର୍ଣ୍ଣ ପରି କରି ପବିତ୍ର ଉଦ୍ଦେଶ୍ୟଗୁଡ଼ିକ ପାଇଁ ସମର୍ପିତ କରିବାକୁ ପଡ଼ିଥାଏ ଏହା ତପର ବାସ୍ତବିକ ମହତ୍ତ୍ୱ ଓ ତାହାର ମୂଲ୍ୟ ମଧ୍ୟ । ଆଜି ସମାଜ ତପସ୍ୱୀ ଶୂନ୍ୟ ହୋଇଯାଇଛି, ବୁଝିବା – ବିଚାରିବାର ଢଙ୍ଗ ଦ୍ୱିମୁଖୀ ତଥା ଚାଲିଚଳନ ବିକୃତ ହୋଇଯାଇଛି । ଆମେ ଆମର ପୂର୍ବଜଙ୍କ ପରି ତପସ୍ୱୀ ହୋଇ ରହି ନାହେଁ ।

## ରାତି ଖାଦ୍ୟରେ ସତର୍କତା

**ରାତି** ୮ ଟାରୁ ୯ଟା ମଧରେ ଭୋଜନ କରିବାର ପ୍ରକୃଷ୍ଟ ସମୟ ଅଟେ । ରାତିରେ ହାଲକା ଭୋଜନ ଲାଗି ପରାମର୍ଶ ଦିଆଯାଇଥାଏ । ଅଧିକଂଶ ଲୋକେ ସୁଆଦିଆ ତଥା ତେଲମସଲାଯୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଏସବୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।



ରାତି ବେଳା କେବେ ହେଁ ଆଇସ୍‌କ୍ରିମ ଖାଇବା ଉଚିତ ନୁହେଁ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରାତିରେ ଏହା ଖାଇଲେ ଶରୀରରେ ଶର୍କରାର ମାତ୍ରା ଅଧିକ ବୃଦ୍ଧି ପାଇବା ସହ ହଜମ ଠିକ୍ ଭାବରେ ହୋଇ ନ ଥାଏ ।

ରାତ୍ରିଭୋଜନରେ ଇଟାଲୀୟ ଖାଦ୍ୟ ପାସ୍ତା ଖାଇଲେ ଓଜନ ବଢ଼ିବାର ଆଶଙ୍କା ସହ ନିଦ ଭଲ ହୁଏ ନାହିଁ ।

ରାତିରେ ଚକୋଲେଟ୍ ଖାଇବାଠାରୁ ଦୁରେଇ ରୁହନ୍ତୁ । ଏହା ଦ୍ୱାରା ମାନସିକ ସ୍ଥିତି ପ୍ରଭାବିତ୍ ହେବା ସହ ହୃଦଯନ୍ତ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଚିପ୍ସ ପ୍ରତି ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦୁର୍ବଳତା ରହିଛି । ଏହା ଏକ ପ୍ରକାରର ପ୍ରୋସେସଡ୍ ଖାଦ୍ୟ, ଯାହା ଶରୀରରେ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିଥାଏ ।

ବର୍ଗର ରାତ୍ରିଭୋଜନରେ ଖାଇଲେ ତାହା ପେଟରେ ପ୍ରାକୃତିକ ଏସିଡ୍ ଉତ୍ପନ୍ନ କରି ଶରୀରକୁ ଉତ୍ତେଜିତ କରେ । ଏହା କାରଣରୁ ଛାତି ପୋଡ଼ାଜଳା ହୋଇଥାଏ ।

ଅଧିକାଂଶ ଲୋକେ ରାତିରେ ଟିଭି ଦେଖିଲା ବେଳେ ପପକର୍ଣ୍ଣ ଖାଇଥାନ୍ତି । ଏଥିରେ ଥିବା ଲୁଣ ଓ ବଟର ନିଦକୁ ପ୍ରଭାବିତ କରିଥାଏ ବୋଲି ପରୀକ୍ଷାରୁ ଜଣାପଡିଛି ।

## ଟିକିଏ ହସନ୍ତୁ

ତିନିଜଣ ସାଙ୍ଗ ଜାମୁକୋଳି ତୋଳିବାକୁ ଗଲେ ।
ଗଛରେ ଚଢ଼ିଲେ ଦୁଇଜଣ ସାଙ୍ଗ । ଆଉ ଜଣେ ତଳେ ରହି ଜାମୁ କୋଳି ଗୋଟାଉଥିଲା । ତଳେ ଥିବା ସାଙ୍ଗଟି କହିଲା– ଆରେ ଶୁଣ ଗଛରେ ଯେଉଁଟା ବେଶି କଳା ଦେଖାଯାଉଛି ସେଇଟାକୁ ଆଗ ତଳକୁ ପକାଇବ ।
ଏହା ଶୁଣି ପିଣ୍ଟୁ କହିଲା: ମୋ ସାଙ୍ଗରେ ରଘୁ ଆସିଛି ସେ ତ ବହୁତ କଳା, ତାକୁ ଗୋଟେ ଗୋଇଠା ମାରିଲା ସେ ଯାଇ ତଳେ ପଡିଲା ।
ତଳେ ଥିବା ରାଜୁ କହିଲା: ଆରେ ପିଣ୍ଟୁ, ରଘୁକୁ କାହିଁକି ଗୋଇଠା ମାରିଲୁ ସେ ତଳେ ପଡିଲା ।
ପିଣ୍ଟୁ: ଆରେ ତୁ ବା କହିଲୁ ଯେଉଁଟା ବେଶି କଳା ଦେଖା ଯାଉଥିବ, ତାକୁ ପ୍ରଥମେ ତଳେ ପକାଇବୁ ।



× × × ×

ଜଣେ ଯାତ୍ରୀ ଟ୍ରେନରୁ ଓହ୍ଲାଇ ପିଙ୍କୁକୁ ପଚାରିଲେ: ପୁଅରେ କହିଲୁ ଇଏ କେଉଁ ଷ୍ଟେସନ୍ ।
ଏକଥା ଶୁଣି ପିଙ୍କୁ ଜୋର୍ ଜୋର୍‌ରେ ହସିବାକୁ ଲାଗିଲା ।
ଯାତ୍ରୀ ଜଣକ ଆଉଥରେ ପଚାରିଲେ – ଏ କେଉଁ ଷ୍ଟେସନ୍ ପୁଅ ?
ପିଙ୍କୁ: ଇଏ ପରା ରେଲୱେ ଷ୍ଟେସନ୍, କେତେ ଥର ମୋତେ ପଚାରୁଛ ଏଇଟା କ ଣ ତୁମେ ଜାଣି ପାରୁନ !

× × × ×

ସ୍ୱାମୀ ସ୍ତ୍ରୀକୁ: ଜାଣିଛ, ମତେ ଅଲ୍ଲାଦୀନର ଯାଦୁ ଚିରାଗ ମିଳିଯାଇଛି ।
ସ୍ତ୍ରୀ: ସତ ! କ'ଣ ମାଗିଲ ଚିରାଗର ଜିନ୍‌କୁ ?
ସ୍ୱାମୀ: ମୁଁ କହିଲି ମୋ ସ୍ତ୍ରୀର ବୁଦ୍ଧିକୁ ୧୦ ଗୁଣ ବଢେଇ ଦିଅ ।
ସ୍ତ୍ରୀ: ମୋ ବୁଦ୍ଧି ବଢିଲା କି ?
ସ୍ୱାମୀ: ଜିନ୍ କହିଲା ଶୂନକୁ ଯେଉଁଥିରେ ବି ଗୁଣନ କଲେ ଶୂନ ହିଁ ଆସିବ । ସେଥିପାଇଁ ଏହା ଅସମ୍ଭବ ।

× × × ×

ଏକ ପେଣ୍ଠି କୁକୁଡ଼ା ଦୋକାନୀକୁ: ଦୁଇଟା ଅଣ୍ଡା ଦେବ ।
ଦୋକାନୀ: ତମର ଅଣ୍ଡା କ'ଣ ହେବ ?
ତମେ ତ ନିଜେ ଅଣ୍ଡା ଦେଇପାରିବ ।
ପେଣ୍ଠି କୁକୁଡ଼ା: ମୁଁ ପୁଣି ଅଣ୍ଡା ଦେବି ! ନା ବାବା ନା ।
ମୋ ସ୍ୱାମୀ କହିଛନ୍ତି ୬ ଟଙ୍କାର ଅଣ୍ଡା ପାଇଁ ଫିଗରକୁ ଖରାପ କରିବାର ଆବଶ୍ୟକତା ନାହିଁ ।

× × × ×

ସ୍ୱାମୀ ଦୋକାନୀକୁ: ମୋ ସ୍ତ୍ରୀ ପାଇଁ ଭଲ ସାଣ୍ଡଲ ଦେଖେଇଲ ।
ଦୋକାନୀ: ଏଇ ଦେଖନ୍ତୁ ଷ୍ଟାଇଲିଶ, ମଜଭୂତ ଆଉ ଲଙ୍ଗ ଲାଗିଂ ସାଣ୍ଡେଲ ।
ସ୍ୱାମୀ: ଆରେ ଭାଇ ଏ ସାଣ୍ଡେଲରେ ତ ମୁଁ ମରିଯିବି । ଟିକେ ହାଲ୍‌କା, କମ୍ ଲାଷ୍ଟିଂର ସାଣ୍ଡେଲ ଦେଖା ।
ଦୋକାନୀ: ଓ ବୁଝିଗଲି ।

## ପାଣିକଖାରୁର ଉପକାରିତା

**ଗାଁ** ଗଣ୍ଡାରୁ ଆରମ୍ଭ କରି ସହରବଜାର ସବୁଆଡ଼େ ପାଣିକଖାରୁ ମିଳୁଥିବା ବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଚରକ ସଂହିତା ଏବଂ ଅଷ୍ଟାଙ୍ଗ ହୃଦୟ ସଂହିତାରେ ଉଲ୍ଲେଖ ରହିଛି । ଭାରତ, ମାଲେସିଆ, ଚୀନ, ପାପୁଆ ନ୍ୟୁଗିନି ଆଦି ସ୍ଥାନରେ ଏହା ଚାଷ କରାଯାଏ । ଏହାକୁ ମଧ ନୂଆ ଘର ଆଗରେ ଟଙ୍ଗାଯାଇ ଘରକୁ କୁଦୃଷ୍ଟିରୁ ରକ୍ଷା କରାଯାଇଥାଏ । ଏବେ ପାଣି କଖାରୁ ଦେଶବିଦେଶରେ ସହଜରେ ମିଳିପାରୁଛି । ଏହା ଭିଟାମିନ୍ ବି-୧ (ଥାୟାମିନ୍), ଭିଟାମିନ୍ ବି-୩ (ନାଇସିନ୍) ଭିଟାମିନ୍ ସି ସହିତ କ୍ୟାଲସିୟମ୍, ପଟାସିୟମ୍‌ରେ ଭରପୁର । ତେଣୁ ରକ୍ତଚାପ ସୁସ୍ଥ ରଖିବା ଲାଗି ଏହା ଏକ ଭଲ ଖାଦ୍ୟ । ଏଥିରେ ୯୬ ପ୍ରତିଶତ ଜଳ ଥିବାରୁ ଡାଏଟିଂ କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ ଖୁବ୍ ଭଲ । ଏହାର ଔଷଧୀୟ ଗୁଣ ଯୋଗୁଁ ଏହାକୁ ବିଭିନ୍ନ ପ୍ରକାର ଡିଜଅର୍ଡରର ଚିକିତ୍ସାରେ ବ୍ୟବହାର କରାଯାଏ । ଆୟୁର୍ବେଦରେ ଏହାକୁ ମସ୍ତିଷ୍କ ପାଇଁ ଖୁବ୍ ଉପଯୋଗୀ ବୋଲି କୁହାଯାଇଛି । ବିଭିନ୍ନ ପ୍ରକାର ମାନସିକ ରୋଗ, ସ୍ନାୟୁବିକାର ଯଥା- ଅପସ୍ମାର, ପାରାନୋଇଆ (ଏକ ପ୍ରକାର ସନ୍ଦେହକାରକ ବିକୃତି), ଇନସାନିଟି (ବାତୁଳତା) ଆଦି ପାଇଁ ଏହା ଖୁବ୍ ଭଲ ଖାଦ୍ୟ ।

ପେପଟିକ ଅଲସର ପାଇଁ ପାଣିକଖାରୁ ରସ ଏକ ଲୋକପ୍ରିୟ ଉପଚାର ପଦ୍ଧତି । ଏହା ପାକସ୍ଥଳୀ ଏବଂ ଅନ୍ତ୍ରନଳୀରୁ ସମସ୍ତ କ୍ଷତିକାରକ ବ୍ୟାକ୍ଟେରିଆ ସଫା କରିଦିଏ । ଏକପ୍ରକାର ଆଣ୍ଟି ମାଇକ୍ରୋବାୟାଲ ଏଜେଣ୍ଟ ଭାବେ କାମ କରିଥାଏ ପାଣିକଖାରୁ । ଏହା ମଧ ଡାଇବେଟିସ୍



ପାଇଁ ଖୁବ୍ ଭଲ । ଏଥି ସହିତ ଆଜମା, ରକ୍ତଜନିତ ରୋଗ, କିଡନୀ ଷ୍ଟୋନ ଆଦି ସମସ୍ୟା ଲାଗି ମଧ ପାଣିକଖାରୁ ଖୁବ୍ ଉପକାରୀ ।

ପାଣିକଖାରୁ ଗଛର ପ୍ରତ୍ୟେକ ଅଂଶ ଉପକାରୀ । ଚର୍ମରେ ହୋଇଥିବା କ୍ଷତର ଉପଚାର ଲାଗି ଏହାର ପତ୍ରକୁ ବ୍ୟବହାର କରାଯାଏ । ରକ୍ତସ୍ରାବ ରୋକିବାରେ ଏହି ପତ୍ର ଖୁବ୍ ଉପକାରୀ । ଏଥି ସହିତ ନିୟମିତ ପାଣିକଖାରୁ ପତ୍ର ଖାଇଲେ ଖରାଦିନେ ନାକରୁ ରକ୍ତ ପଡିବା, ଅଲସରରେ ରକ୍ତସ୍ରାବ, ଅର୍ଶ, ପରିସ୍ରାରେ ରକ୍ତପଡିବା ପରି ସମସ୍ୟାର ଉପଚାରରେ ସହାୟକ ହୋଇଥାଏ । ଏଥିପାଇଁ ପାଣିକଖାରୁ ଜୁସ୍ ଆହୁରି ଉପକାରୀ । ମଞ୍ଜି ଦ୍ୱାରା ପେଟକୃମିର ଚିକିତ୍ସା ହୁଏ । ପାଣିକଖାରୁର ଚୋପା ଏବଂ ମଞ୍ଜିକୁ ପୋଡି ସେହି ପାଉଁଶକୁ ନଡିଆ ତେଲ ସହିତ ମିଶାଇ ଲଗାଇଲେ କେଶ ବଢ଼ିବା ସହ ରୁପିରୁ ମୁକ୍ତି ମିଳେ । ପାଣିକଖାରୁ ରସକୁ ଲେମ୍ବୁରସରେ ମିଶାଇ ଫେସପ୍ୟାକ୍ ଭଳି ଲଗାଇଲେ କଳାଦାଗ ଦୂର କରି ପ୍ରାକୃତିକ ଉଜ୍ଜ୍ୱଳତା ପ୍ରଦାନ କରେ ।

## ଆପଣ ଜାଣନ୍ତି କି ?

- ପ୍ରଥମେ ବିଭିନ୍ନଗଛର କାଠିକୁ ବ୍ରଶ୍ ବା ଦାନ୍ତକାଠି ଭାବେ ବ୍ୟବହାର କରାଯାଉଥିଲା । ଏସୀୟମାନେ ପ୍ରଥମେ ବ୍ରଶ ପ୍ରସ୍ତୁତ କରିଥିଲେ । ମୁଖ୍ୟତଃ ଚାଇନାରେ ଏହା ଟାଙ୍ଗ୍ ରାଜବଂଶ (୬୧୯-୯୦୭) ସମୟରେ ପ୍ରସ୍ତୁତ କରାଯାଇଥିଲା ।
- ଆଦିମ ଇଜିପ୍ଟବାସୀ କାଠିରେ ପତ୍ର ଲଗାଇ ଏହାକୁ ଟୁଥବ୍ରଶ୍ ଭାବେ ବ୍ୟବହାର କରୁଥିଲେ ।
- ଇଂଲଣ୍ଡର ୱିଲିଅମ୍ ଏଡିସ୍ ନାମକ ଜଣେ ବ୍ୟକ୍ତି କୌଣସି ଅପରାଧ ଲାଗି ଜେଲରେ ଥିବା ସମୟରେ ପାଟି ସଫା ରଖିବା ପାଇଁ ମାଂସ ତରକାରିରୁ ଏକ ହାଡ଼ କାଢ଼ି ସେଥିରେ କଣା କରି କିଛି ସୂତା ଲଗାଇ ବ୍ରଶ୍ ପ୍ରସ୍ତୁତ କରିଥିଲେ । ଜେଲରୁ ବାହାରିବା ପରେ ୧୭୭୬ରେ ଏହି ପ୍ରଣାଳୀ ବ୍ୟବହାର କରି ଅନେକ ବ୍ରଶ ବିକି ଧନୀ ହୋଇ ପାରିଥିଲେ । ସେବେଠୁ ବ୍ରଶ୍ ବ୍ୟବହାର ବଢ଼ିବା ଆରମ୍ଭ ହେଲା ।
- ୧୯୦୦ ମସିହା ପୂର୍ବରୁ ଟୁଥବ୍ରଶ୍ ସାଇବେରିଆନ୍ ହଗ୍ (ଅଣ୍ଡିରା ଘୁଷୁରି) ବାଳରେ ପ୍ରସ୍ତୁତ ହେଉଥିଲା । ୧୯୩୮ ରେ ପ୍ରଥମେ ନାଇଲନ୍ ସୂତା ବା ବ୍ରିଷ୍ଟଲ ବ୍ୟବହାର ହୋଇଥିବା ଟୁଥବ୍ରଶ୍ ପ୍ରସ୍ତୁତ କରାଗଲା । ଏହାପରେ ଓରାଲ୍ ବି କମ୍ପାନୀ ନରମ ଦାନ୍ତ ବା ସୂତାଥିବା ଟୁଥବ୍ରଶ ପ୍ରସ୍ତୁତ କଲା ।
- ପ୍ରଥମ ଇଲେକ୍ଟ୍ରିକ୍ ଟୁଥବ୍ରଶ୍ ବ୍ରୋକ୍ସୋଡେଣ୍ଟ ୧୯୫୪ ରେ ସ୍ୱିଜରଲାଣ୍ଡରେ ଆବିଷ୍କାର ହୋଇଥିଲା ।
- ପୃଥିବୀର ସବୁଠୁ ଦାମୀ ଟୁଥବ୍ରଶର ମୂଲ୍ୟ ୪,୦୦୦ ଆମେରିକାନ ଡଲାର । ଏହାକୁ ପ୍ରସ୍ତୁତ କରିବା ଲାଗି ଟିଟାନିୟମ ବ୍ୟବହାର କରାଯାଇଥିଲା ।

## ଡେଙ୍ଗୁର ମହୌଷଧି ଅମୃତ ଭଣ୍ଡା ପତ୍ର

**ମ**ଶା କାମୁଡ଼ାରୁ ବ୍ୟାପୁଥିବା ଡେଙ୍ଗୁ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏଥିପ୍ରତି ଧ୍ୟାନ ଦିଆଯାଏ, ତେବେ ଭବିଷ୍ୟତରେ ଏହା ପ୍ରାଣଘାତକ



ସାବ୍ୟସ୍ତ ହୋଇପାରେ । ଏହି ରୋଗରେ ରକ୍ତରେ ପ୍ଲେଟଲେଟ୍ସ ତୀବ୍ର ବେଗରେ ହ୍ରାସ ହୋଇଥାଏ । ଦୀର୍ଘ ସମୟ ଧରି ମୁଣ୍ଡବିନ୍ଧା, ଗଣ୍ଠିବିନ୍ଧା, ଜ୍ୱର ଓ ଦେହରେ ଲାଲ ଦାଗ ଡେଙ୍ଗୁର ପ୍ରମୁଖ ଲକ୍ଷଣ । ରକ୍ତ ପରୀକ୍ଷା କରିବା ପରେ ଯାଇ ରୋଗ ସମ୍ପର୍କରେ ଜଣାପଡେ । ଡେଙ୍ଗୁ ଉପରେ କାବୁ ପାଇବାକୁ ଏ ପର୍ଯ୍ୟନ୍ତ ସେମିତି କୌଣସି ଔଷଧ ସାମନାକୁ ଆସିନାହିଁ । କିନ୍ତୁ କିଛି ପ୍ରାକୃତିକ ତତ୍ତ୍ୱ ମାଧମରେ ଏଥିରୁ ରକ୍ଷାପାଇହେବ । ସାଧାରଣ ଭାବେ ଅମୃତଭଣ୍ଡାକୁ ପରିବା ଓ ଫଳ ଭାବେ ବ୍ୟବହାର କରାଯାଇ ଅନେକ ରୋଗର ଉପଚାର କରାଯାଇଥାଏ । କିନ୍ତୁ ଜାଣନ୍ତି ଏହାର ପତ୍ରରେ ଭରି ରହିଛି ଅନେକ ଔଷଧୀୟ ଗୁଣ । ଅମୃତଭଣ୍ଡା ପତ୍ରରେ ପ୍ଲେଟଲେଟ୍ସ ବୃଦ୍ଧି କରିବାରେ ଅଦ୍ୱିତୀୟ କ୍ଷମତା ଭରପୁର୍ ରହିଛି । ଏହାସହ ଏଥିରେ ଆଣ୍ଟିମ୍ୟାଲେରିଆ ଗୁଣ ମହଜୁଦ୍ ଥିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ସହ ଲଢ଼ିବାରେ ସହାୟକ ହୁଏ । ଡେଙ୍ଗୁ ଚିକିତ୍ସା ପାଇଁ ଅମୃତଭଣ୍ଡା ପତ୍ରର ବ୍ୟବହାର ଅନେକ ଗବେଷଣାରେ ପ୍ରମାଣିତ ହୋଇ ସାରିଛି । ୪୦୦ ଡେଙ୍ଗୁ ରୋଗୀଙ୍କ ଉପରେ କରାଯାଇଥିବା ଏକ ଗବେଷଣାରେ ପ୍ରାୟ ୨୦୦ ଡେଙ୍ଗୁ ରୋଗୀ ଅମୃତଭଣ୍ଡା ପତ୍ରର ବ୍ୟବହାରରେ ରକ୍ଷା ପାଇଛନ୍ତି । ଏଥିପାଇଁ ପ୍ରଥମେ ମଧମ ଆକାରର କିଛି ଅମୃତଭଣ୍ଡା ପତ୍ରକୁ ନେଇ ଖରାରେ ଅଳ୍ପ ଶୁଖାନ୍ତୁ । ଏବେ ଏଗୁଡିକୁ ଧୋଇ ଅତିକମରେ ୨ ଲିଟର୍ ପାଣିରେ ଫୁଟାନ୍ତୁ ଯେପରି ପାଣି ଅଧା ହୋଇଯିବ । ପରେ ଏହି ମିଶ୍ରଣକୁ ଛାଣି ପିଇବା ଦ୍ୱାରା ଡେଙ୍ଗୁ ଜ୍ୱରରୁ ଆରୋଗ୍ୟ ମିଳେ ।

## ଅବସାଦରୁ ରକ୍ଷା କରିବ ପ୍ରାର୍ଥନା

**ଆ**ଜିକାଲିର ବ୍ୟସ୍ତମୟ ଜୀବନରେ ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ । ଏଥିରୁ ରକ୍ଷା ପାଇବା ସହଜ ନୁହେଁ । ତେବେ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିପାରନ୍ତି । ହେଲେ ଏଭଳି ଏକ ସରଳ ଉପାୟ ରହିଛି ଯାହାଦ୍ୱାରା ଆପଣ ଅବସାଦ ଠାରୁ ନିଜକୁ ଦୂରେଇ ରଖି ପାରିବେ । ତାହା ହେଲା ପ୍ରାର୍ଥନା । ଅବସାଦଗ୍ରସ୍ତ ହେବା ପରେ ଯଦି ଜଣେ କିଛି ସମୟ ଶାନ୍ତ ପରିବେଶରେ କିଛି ସମୟ ପ୍ରାର୍ଥନା କରନ୍ତି ତେବେ ତାହାର ସୁଫଳ ମିଳିବ ବୋଲି ଯୁକ୍ତି ବାଢ଼ିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ । ପ୍ରାର୍ଥନାର ସୁପ୍ରଭାବ କେବଳ ଅବସାଦ ଉପରେ ନୁହେଁ, ଏହାଦ୍ୱାରା ଜଣେ ନିରୋଗ ମଧ ରହିଥାଏ ।

## ଶରୀରର ପାଇଁ ଉପାଦେୟ ଔଷଧୀୟ ଗୁଳ୍ମ

ଆମ ଭାରତୀୟ ଚିକିତ୍ସା ବିଜ୍ଞାନ ଆୟୁର୍ବେଦର ଯଥେଷ୍ଟ ପୂର୍ବରୁ ଏହି ନିରାପଦ, ପାର୍ଶ୍ୱ ପ୍ରତିକ୍ରିୟା ବିହିନ ପାରମ୍ପରିକ ଉଦ୍ଭିଦ ଚିକିତ୍ସା ଲୋକପ୍ରିୟ । ଶରୀରର ଆପାଦ ମସ୍ତିଷ୍କ ସମସ୍ତ ଚିକିତ୍ସା ଲୋକପ୍ରିୟ । ଶରୀରର ଆପାଦ ମସ୍ତିଷ୍କ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ସୁସ୍ଥତା ପାଇଁ ପ୍ରକୃତି ତାହାର ପ୍ରାକୃତିକ ଗୁଳ୍ମରାଜି ମଧରେ ଔଷଧୀୟତ୍ୱ ସାଇତି ରଖିଛି । ଏହାକୁ ଅଙ୍ଗପ୍ରତ୍ୟଙ୍ଗର ରୋଗ ପ୍ରତିଷେଧକ ଭାବେ ବା ଅସ୍ୱାଭାବିକ ଲକ୍ଷଣ ଲକ୍ଷ୍ୟ କରି ସେବନ କରିପାରିବା ।

**କେଶ ପାଇଁ ଅଁଳା :** ଅଁଳା ରସ ଲଗାଇଲେ କେଶ ଝଡେ ନାହିଁ, ଅକାଳରେ କେଶ ପାଚେ ନାହିଁ ଓ କେଶ କଳାବର୍ଣ୍ଣ ଦେଖାଯାଏ । ଅଁଳା ରସ ପ୍ରତିଦିନ ସେବନ କଲେ ଅମ୍ଳପିତ୍ତ ନାଶହୁଏ ଓ ଦୃଷ୍ଟିଶକ୍ତି ବୃଦ୍ଧିପାଏ, ସର୍ଦ୍ଦି-କାଶ ହୁଏ ନାହିଁ ଓ ଦାନ୍ତମାଢ଼ିରୁ ରକ୍ତ ପଡୁଥିଲେ ଦୂରହୁଏ ।

**ଚର୍ମ ପାଇଁ ରାଶି :** ରାଶି ତେଲ ମାଲିସ କଲେ କେଶର କଷ୍ଣତା ଓ ଚର୍ମର ସ୍ନିଗ୍ଧତା ଅକ୍ଷୁର୍ଣ୍ଣ ରହେ । ଚର୍ମରେ ଅଧିକ ରକ୍ତ ସଞ୍ଚାଳନ ହେବା ଦ୍ୱାରା ଶରୀରର ସମସ୍ତ ବିଷାକ୍ତ ପଦାର୍ଥ ବାହାରିଯାଏ ।

ଗୋଲାପଫୁଲକୁ ପାଣିରେ ରାତିରେ ବତୁରାଇ ସକାଳେ ସଂଗୃହିତ ପାଣିକୁ ଆଖିରେ ପକାଇଲେ ଆଖିର ଦୃଷ୍ଟିଶକ୍ତି ଅତୁଟ ରହେ ଓ ଆଖିକୁ ଆରାମ ଲାଗେ । ଓଠରେ ଗୋଲାପଜଳ ଲଗାଇଲେ ଓଠ ଫାଟେ ନାହିଁ ଓ ଓଠର ରଙ୍ଗ ସ୍ୱାଭାବିକ୍ ରହେ ।

**ନାକ ପାଇଁ ଜଡ଼ା :** ନାକର ଉଭୟ ପାର୍ଶ୍ୱରେ ଜଡ଼ାତେଲ ଦୁଇବୁନ୍ଦା ପ୍ରତ୍ୟହ ନସ୍ୟ ତଳେ ଥଣ୍ଡା, ମୁଣ୍ଡ ଓଜନିଆ ଲାଗିବା ଏବଂ ମୁଣ୍ଡବ୍ୟଥା ସାଧାରଣତଃ ହୋଇ ନ ଥାଏ ।

**କାନ ପାଇଁ ସୋରିଷ :** ତେଲ ମାଲିସ୍ ସମୟରେ ଶ୍ରବଣ ଶକ୍ତି ବଜାୟ ରହେ । କାନବଥା, କାନରେ ଶବ୍ଦ ହେବା, କାନକୁ ଭଲ ନ ଶୁଭିବା ଦୂରହୁଏ ।

**ପାଟି/ଦାନ୍ତ ପାଇଁ ବଉଳ/ କରଞ୍ଜ :** ବଉଳ ବା କରଞ୍ଜ ଦାନ୍ତକାଠିରେ ଦାନ୍ତ ଘଷିଲେ ବା ଏହାର ଛାଲିର କ୍ୱାଥରେ କୁଳି କଲେ ଦାନ୍ତ, ଦାନ୍ତମାଢ଼ି ଓ ପାଟି ଭିତରର ରୋଗ ଦୂରହୁଏ ।

**ହାଡ଼ ପାଇଁ ହାଡଯୋଡ :** ଏହାର ସ୍ୱରସ ସେବନ କଲେ ସର୍ବାଙ୍ଗ ଶରୀରର ଅସ୍ଥି ବା ହାଡ଼ ମଜବୁତ୍ ରହେ । ସରଳ ଅସ୍ଥିଭଗ୍ନ ସ୍ଥାନରେ ଏହାକୁ ପଟିବାନ୍ଧି ଏହାର ରସ ପ୍ରତ୍ୟହ ସେବନ କଲେ ଭଗ୍ନସ୍ଥାନ ଶୀଘ୍ର ଯୋଡି ହୋଇଯାଏ ।

**ଖାଦ୍ୟନଳୀ ପାଇଁ ଯଷ୍ଟିମଧୁ :** ଯଷ୍ଟିମଧୁ ଚୂର୍ଣ୍ଣ ସେବନ କଲେ ଖାଦ୍ୟନଳୀ ବ୍ୟାଧିଗ୍ରସ୍ତ ହୁଏ ନାହିଁ ଓ କାସ ପାଇଁ ହିତକର ।

**ହୃଦୟ ପାଇଁ ଅର୍ଜୁନ :** ଅର୍ଜୁନ ଛାଲିର ଚୂର୍ଣ୍ଣ ବା ସିଝାପାଣି ହୃଦୟ ପାଇଁ ହିତକର । ରକ୍ତର ଚର୍ବିଜାତୀୟ ପଦାର୍ଥ ନିୟନ୍ତ୍ରିତ ରଖେ ।

**ଆମାଶୟ ପାଇଁ ଅଦା :** ଅଦା ରସ ସେବନ କଲେ ଆମାଶୟ ସୂଚାରୁ ରୂପେ ଖାଦ୍ୟ ହଜମ କରିବାରେ ସମର୍ଥ ହୁଏ ।

**ଯକୃତ ପାଇଁ ଭୁଇଁନିମ୍ବ :** ଏହାର ଚୂର୍ଣ୍ଣ/ ସିଝାପାଣି ଯକୃତରୁ ପିତ୍ତକ୍ଷରଣ ସ୍ୱାଭାବିକ କରାଇ ଯକୃତ ସ୍ୱାସ୍ଥ୍ୟ ବଜାୟ ରଖେ ।

**ପ୍ଲୀହା ପାଇଁ ପିପ୍ପଳୀ :** ଏହାର ଚୂର୍ଣ୍ଣ ଗ୍ରହଣ କଲେ ପ୍ଲୀହାବୃଦ୍ଧି ଦୂରହୁଏ ।

## କହିପାରିବେ କି ?

୧) ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ନୂଆ ଅଧକ୍ଷଙ୍କ ନାମ କ'ଣ ?
(୨) ଚୀନର କୃତ୍ରିମ ସୂର୍ଯ୍ୟ କାହାକୁ କୁହାଯାଉଛି ?
(୩) ଭଗବାନ ରାମ, ଲକ୍ଷ୍ମଣ ଓ ଦେବୀ ସୀତା ବନବାସ ସମୟରେ କେଉଁ ଜଙ୍ଗଲରେ ରହିଥିଲେ ?
(୪) ଗଣଦେବତାର ରଚୟିତା କିଏ ?
(୫) ବିଶ୍ୱ ଖାଦ୍ୟ ଦିବସ କେବେ ପାଳନ ହୁଏ ?
(୬) ଡିନାମାଇଟ୍ ଆବିଷ୍କାର କିଏ କରିଥିଲେ ?
(୭) ଇଂଲଣ୍ଡରେ ଗୃହ ଯୁଦ୍ଧ କେତେ ବର୍ଷ ଧରି ଚାଲିଥିଲା ?
(୮) ରାଜା ହର୍ଷବର୍ଦ୍ଧନ ତାଙ୍କ ଧାର୍ମିକ ସଭାର ଆୟୋଜନ କେଉଁଠି କରିଥିଲେ ?
(୯) ଗରିବୀ ହଟାଓ ନାରା କିଏ ଦେଇଥିଲେ ?
(୧୦) ମୋବାଇଲ ଫୋନରେ ଭାରତର ପ୍ରଥମ ଡିଜିଟାଲ ବ୍ୟାଙ୍କର ଶୁଭାରମ୍ଭ କେଉଁ ବ୍ୟାଙ୍କ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) CESKTO | = | 6) GRAAUJ | = |
| 2) CANLYU | = | 7) TAMLE | = |
| 3) CIBRH | = | 8) SAAIL | = |
| 4) CRNUH | = | 9) RHITTS | = |
| 5) PNNKIA | = | 10) UJRINO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.୫, ୨. କୁନ୍ତୀ, ୩. ନକୁଳ ଓ ଶହଦେବ, ୪. କର୍ଣ୍ଣ, ୫.୧୦୦, ୬. ଦୁଶଳା, ୭. ଶ୍ରୀକୃଷ୍ଣ ଅର୍ଜୁନଙ୍କୁ, ୮. ୭ହଜାର ବର୍ଷ ପୂର୍ବେ, ୯. ୧୮ଟି, ୧୦. ଧୃତରାଷ୍ଟ୍ର ଓ ସଞ୍ଜୟ ।

***Jumble Words*** ର ଉତ୍ତର **:-**

(1) WITTY (2) BOXER (3) ENGINE (4) SEASON (5) POUND (6) BOGUS (7) RANCID (8) JUNGLE (9) RATIO (10) FUDGE

# ନୂଆଦିଲ୍ଲୀ 'ଜୁହାର ପରିବାର' ପାଳିଲା ନୂଆଁଖାଇ ପରବ



ନୂଆଦିଲ୍ଲୀ : ନୂଆଦିଲ୍ଲୀର 'ଜୁହାର ପରିବାର' ପକ୍ଷରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରେକ୍ଷାଳୟରେ ନୂଆଁଖାଇ ପରବ ପାଳିତ ହୋଇଯାଇଛି । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ଏମ୍.ପି ଡକ୍ଟର ପ୍ରଭାସ ସିଂ, ଷୋଡ଼ଶ ବିତ୍ତ ଆୟୋଗ ସଦସ୍ୟ ଡ଼କ୍ଟର ମନୋଜ ପଣ୍ଡା, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ଡକ୍ଟର ମହାଦେବ ପ୍ରସାଦ ଜୟସ୍ୱାଲ, ଜାତୀୟ କମ୍ପାନୀ ଆଇନ ଅପିଲ ଟ୍ରିବ୍ୟୁନାଲ ସଦସ୍ୟ ଯତୀନ୍ଦ୍ରନାଥ ସ୍ୱାଇଁ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଭୁ ମହାପାତ୍ର, ସାମ୍ବାଦିକ ଡକ୍ଟର ଭବାନୀ ଦୀକ୍ଷିତ ଓ ବରିଷ୍ଠ ଅଧିବକ୍ତା ଶରତ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ଚାଷୀ ଫିରୋଜ ସାହୁଙ୍କୁ 'ଜୁହାର ସମ୍ମାନ-୨୫' ଓ ପଶୁକବି ସୁଶୀଲ ମିଶ୍ରଙ୍କୁ 'ଜୁହାର ଅଟଳ ସମ୍ମାନ-୨୫'ରେ ସମ୍ମାନିତ କରାଯାଇଥିଲା । ସମାଜସେବୀ ସୁଜିତ ଦାଶଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା 'ଜୁହାର ସୁରତା' ଉନ୍ମୋଚିତ ହୋଇଥିଲା । ଶଙ୍କର ବେହେରାଙ୍କ ନେତୃତ୍ୱରେ ସଙ୍ଗୀତ ସାଧନା ଲୋଇସିଂହା ଓ ଭାରତ ଗୌରବ ଦାଶଙ୍କ ନେତୃତ୍ୱରେ ଫୋକାଲ ସମ୍ବଲପୁର ଭାଇଜିଉଁନ୍ତିଆ, ନଚନିଆ, ରସରକେଲି, ରଙ୍ଗବତୀ ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା । ଲୋକପ୍ରିୟ ଗାୟକ ରୁକୁ ସୁନା, ସନ୍ଧ୍ୟାରାଣୀ ପାଟଜୋଷୀ, ଅଙ୍କିତ ରାଜ, ସୌଭାଗ୍ୟଲକ୍ଷ୍ମୀ ଦାସ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ସୁପ୍ରଭା ପାଢ଼ୀଙ୍କ ନେତୃତ୍ୱରେ ସମ୍ବଲପୁରୀ ଫେସନ ଶୋ ପ୍ରଦର୍ଶିତ ହୋଇଥିଲା ।

ଅତିଥି ଓ ଦର୍ଶକମାନେ ସୋନପୁରର ଅର୍ଜୁନ ରଥଙ୍କର ପ୍ରସ୍ତୁତ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ କରଡ଼ି, ହେଁଡୁଆ, ଆମ୍ବିଳ, ଆରିଶା ସହ ଅନ୍ୟ ଖାଦ୍ୟର ମଜା ନେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ୍ ମାନସ ମିଶ୍ର, କୁନ୍ତଳା ଭୋଇ, ବିଜୟାନନ୍ଦ ନାଏକ, ବାସୁଦେବ ତ୍ରିପାଠୀ, ଦେବଦତ୍ତ ଦାଶ, ଦେବାଶିଷ ମାଝୀ, ଆକାଶ ପାଣିଗ୍ରାହୀ, ପିନାକୀ ପ୍ରସାଦ ରଥ, ଅନୁପମ ମିଶ୍ର, ଅରକ୍ଷିତ ଶାସ୍ତ୍ରୀ, ବିଜୟ ତ୍ରିପାଠୀ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ଚନ୍ଦ୍ରଶେଖର ପାଢ଼ୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ବନମାଳୀ ବାବୁ ବକ୍ତୃତାମାଳ



ସମ୍ବଲପୁର : ସମ୍ବଲପୁର ପବ୍ଲିକ୍ ଲାଇବ୍ରେରି ଆନୁକୂଲ୍ୟରେ ବନମାଳୀ ବାବୁ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ଶିକ୍ଷାର ପ୍ରସାର, ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ କଲେଜ ସହିତ ଅନେକ ସ୍କୁଲ ଓ କଲେଜ ପ୍ରତିଷ୍ଠା କରି ବନମାଳୀ ବାବୁ ସ୍ମରଣୀୟ ହୋଇ ରହିଛନ୍ତି । ଶେଷରେ ଅନୁଷ୍ଠାନର ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ପୁଜାରୀ ଲାଇବ୍ରେରୀର ପଠନ ଏବଂ ଅଧ୍ୟୟନ ହଲ୍‌କୁ ଉଦ୍‌ଘାଟନ କରିଥିଲେ । ଏହା ସହିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ୍ ସମ୍ବଲପୁର ଉତ୍କର୍ଷତା ହାସଲ କରିଥିବାରୁ ପବ୍ଲିକ ଲାଇବ୍ରେରୀ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏବଂ ଆଇଆଇଏମ୍ ପକ୍ଷରୁ ପ୍ରଫେସର ଦୀପ୍ତିରଞ୍ଜନ ମହାପାତ୍ର ଓ ଅମୃତ ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ ।

# ତିନି ସହରାଞ୍ଚଳକୁ ନେଇ 'ଜେଡିଏ' ଗଠନ କର: ବିଧାୟକ

ଝାରସୁଗୁଡ଼ା : ଝାରସୁଗୁଡ଼ା-ବ୍ରଜରାଜନଗର-ବେଲପାହାଡ଼ ସହରାଞ୍ଚଳର ସମନ୍ୱିତ ବିକାଶ ଯୋଜନା ଓ ବ୍ୟବସ୍ଥିତ ବିକାଶ ପାଇଁ ତିନି ସହରାଞ୍ଚଳକୁ ନେଇ ଝାରସୁଗୁଡ଼ା ଉନ୍ନୟନ କର୍ତ୍ତୃପକ୍ଷ ଅବା ଝାରସୁଗୁଡ଼ା ଡେଭଲପମେଣ୍ଟ ଅଥରିଟି (ଜେଡିଏ) ଗଠନ କରିବାକୁ ବିଧାୟକ ଟଙ୍କଧର ଦାବି କରିଛନ୍ତି । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଝାରସୁଗୁଡ଼ା ଗସ୍ତ ଅବସରରେ ଏକ ଦାବିପତ୍ର ଏହି ମର୍ମରେ ଶ୍ରୀ ତ୍ରିପାଠୀ ପ୍ରଦାନ କରିଛନ୍ତି । ଏକ ସ୍ୱତନ୍ତ୍ର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷର ଅନୁପସ୍ଥିତି ଯୋଗୁଁ ରାଜ୍ୟର ପଶ୍ଚିମାଞ୍ଚଳର ଏକ ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ପ୍ରତିଷ୍ଠା ଲାଭ କରିଥିବା ଝାରସୁଗୁଡ଼ା ଅଞ୍ଚଳର ସମନ୍ୱିତ ବିକାଶ ବାଧାପ୍ରାପ୍ତ ହେଉଛି । ଯେଉଁଥିପାଇଁ ସମ୍ବଳ ଓ ସାମର୍ଥ୍ୟର ସଦୁପଯୋଗ ହୋଇ ପାରୁନାହିଁ । ଝାରସୁଗୁଡ଼ାକୁ କେନ୍ଦ୍ର କରି ଜିଲ୍ଲାରେ ତାପଜ ବିଦ୍ୟୁତ ପ୍ରକଳ୍ପ, ଆଲୁମିନିୟମ ଶିଳ୍ପ, ଇସ୍ପାତ ଓ ଖଣି ପ୍ରକଳ୍ପ ଆଦି କାୟା ବିସ୍ତାର କରିବା ସହ ଉପଲବ୍ଧ



ପ୍ରାକୃତିକ ସମ୍ବଳ ଦ୍ରୁତ ଶିଳ୍ପାୟନକୁ ପ୍ରୋତ୍ସାହନ ଦେଇ ଆସିଛି । ଯାହାକି ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ବାହାର ଜିଲ୍ଲା ଓ ବାହାର ରାଜ୍ୟର ଶ୍ରମିକଙ୍କୁ କର୍ମ ସଂସ୍ଥାନ ପାଇଁ ଆକର୍ଷିତ କରି ଚାଲିଛି । ମାତ୍ର ସେହି ଅନୁଯାୟୀ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ହୋଇ ନଥିବାରୁ ଜନସଂଖ୍ୟା ଅନୁପାତରେ ମୌଳିକ ସେବା ଓ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି । ଯେଉଁଥିପାଇଁ ଏବେ ଉପଯୁକ୍ତ ରାସ୍ତା, ଡ୍ରେନେଜ ବ୍ୟବସ୍ଥା, ପରିମଳ, ହାଉସିଂ ଓ ଅନ୍ୟାନ୍ୟ ମୌଳିକ ସେବାର ଅଭାବ ସହରାଞ୍ଚଳର ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣି ପାରୁନାହିଁ । ବିମାନବନ୍ଦର, ହାୱଡ଼ା-ମୁମ୍ବାଇ ବ୍ୟସ୍ତବହୁଳ ରେଳପଥ, ଜାତୀୟ ଓ ରାଜ୍ୟ ରାଜପଥ ଥିବାରୁ ଏହି ଅଂଚଳର ସମନ୍ୱିତ ବିକାଶ ଜରୁରୀ ହୋଇ ପଡ଼ିଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହରାଞ୍ଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ବର୍ଜ୍ୟ ପରିଚାଳନା ଆଦି ସେବା କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରି ଚାଲିଛି । ଆଞ୍ଚଳିକ ବିକାଶ କ୍ଷେତ୍ରରେ ସନ୍ତୁଳନ ରକ୍ଷା ଏବଂ ସହନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏଠାରେ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ ଅପରିହାର୍ଯ୍ୟ ହୋଇଛି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି ।

# ଫୁଲମାଳୀ ସମାଜର ଗଣେଶ ପୂଜା

ସମ୍ବଲପୁର : ମୁଦିପଡ଼ାର ଭାଗବତ ମନ୍ଦିରରେ ଫୁଲମାଳୀ ସମାଜ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି । ଏହି ପୂଜାରେ ବନମାଳୀ ପଟେଲ, ତପନ ପଟେଲ, ତ୍ରିଲୋଚନ ପଟେଲ, ବସୁଦେବ ଠାକୁର, ଦାଶରଥି ପଟେଲ, ଅଶୋକ ପଟେଲ, ଅଶୋକ ନାଏକ, ସୁରୁବୁଇ ପଟେଲ, ଜେନା ପଟେଲ, ନମୀତା ପଟେଲ, ସୌମ୍ୟା ପଟେଲ, ଭାନୁମତି ପଟେଲ ଓ ନଳିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ଗୁରୁଦିବସ



ସମ୍ବଲପୁର : ମ୍ୟୁନିସିପାଲ ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଡାକ୍ତର ଲକ୍ଷ୍ମୀନାରାୟଣ ରଥଙ୍କ ଅଧକ୍ଷତାରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏଥିରେ ପୁରାତନ ଛାତ୍ର ଡକ୍ଟର ଶ୍ୟାମ ସୁନ୍ଦର ଧର, ଗୋପୀନାଥ ଷଡ଼ଙ୍ଗୀ, ସୂର୍ଯ୍ୟ ପଟ୍ଟନାୟକ, ସୁରେନ ନାୟକ, ଦେବେନ୍ଦ୍ର ପଣ୍ଡା, ଅକ୍ଷୟ ପ୍ରଧାନ, ଦୁର୍ଯ୍ୟୋଧନ ପଟେଲ, ନିମାଇଁ ଚରଣ କର, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଅଶୋକ ପଟେଲ, ଛେଦିଲାଲ ଅଗ୍ରୱାଲ, ବସୁଦେବ ଠାକୁର, ରାଜାରାମ ପୁରୋହିତ ଏବଂ ମଧୁ ପଟ୍ଟନାୟକ ପ୍ରମୁଖ ଗୁରୁ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରି ସ୍ୱର୍ଗପଲ୍ଲୀ ରାଧାକ୍ରିଷ୍ଣାଙ୍କୁ ଶ୍ରଦ୍ଧାଞ୍ଜଳିଅର୍ପଣ କରିଥିଲେ ।

# ବିଶାଳଖଣ୍ଡା ହାଇସ୍କୁଲରେ ପରିବେଶ ସଚେତନତା



ସମ୍ବଲପୁର : ବିଶାଳଖଣ୍ଡା ହାଇସ୍କୁଲରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୀତାଂଶୁ ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି, ସମାଜସେବୀ ବଂଶୀଧର କର ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଖମାରୀ ସମ୍ମାନିତ ବକ୍ତା, ପରମାଣପୁର ସେକସନ୍ ବନପାଳ ଧନୁର୍ଜୟ ମହିଶାଲ, ସସ୍ମିତା ବେହେରା, କେଶବ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ହାଇସ୍କୁଲ ପରିସରରେ ବୃକ୍ଷ ରୋପଣ କରା ଯାଇଥିଲା ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ସମ୍ବଲପୁରରେ ରାଜ୍ୟସ୍ତରୀୟ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)





ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବି ତାହା ନୁହେଁ, ଯଦି ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଙ୍ଗବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ପୁଣି କହିଥିଲେ ଯେ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ । ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ- ପାରାଦୀପ- ଚୌଦ୍ୱାର- ଢେଙ୍କାନାଳ- ଅନୁଗୁଳ- ସମ୍ବଲପୁର- ଝାରସୁଗୁଡ଼ା- ସୁନ୍ଦରଗଡ଼- ରାଉରକେଲା କୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ । ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ । ସରକାର ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରିଛନ୍ତି । ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ । ହରିଶଙ୍କର- ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ।



ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ଼ ବିଧାୟକ ରୋମାଞ୍ଚ ରଂଜନ ବିଶ୍ୱାଳ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲା ପରିଷଦ ଅଧକ୍ଷା ଶୋଭାଗିନୀ ନାଏକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ଶ୍ରୀ ନାଉରି ନାଏକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ମା ସମଲେଶ୍ୱରୀ ମନ୍ଦିର ଏବଂ ମା ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ ।

## ଲଖନପୁର କୋଇଲା କ୍ଷେତ୍ରରେ 'ନୂଆଁଖାଇ ଭେଟ୍'

ଝାରସୁଗୁଡ଼ା: ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଚତୁର୍ଥ ବର୍ଷ ପାଇଁ



'ନୂଆଁଖାଇ ଭେଟଘାଟ' ମହାସମାରୋହରେ ପାଳିତ ହୋଇଛି । ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଏମସିଏଲ ସିଏମ୍‌ଡି ଉଦୟ ଅନନ୍ତ କାଓ୍ୱଲେ, ଝାରସୁଗୁଡ଼ା ଜିଲ୍ଲା ଡିଏଫ୍‌ଓ ଅଶୋକ ମନୁ ଭଟ୍ଟ, ଏମ୍‌ସିଏଲ୍‌ର ବିତ୍ତ ନିର୍ଦ୍ଦେଶକ ଅଜିତ ବେଉରା, ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ ଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୋଇଲା କ୍ଷେତ୍ର ପକ୍ଷରୁ ଲଖନପୁର ବ୍ଲକ୍ ଅଧକ୍ଷା ସମେତ ୩୩ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ସରକାରୀ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମହାପ୍ରବନ୍ଧକ ଅଓ୍ୱଦ୍ ପାଣ୍ଡେ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୋଇଲା କ୍ଷେତ୍ରରେ କାମ କରୁଥିବା ପ୍ରିୟା ଓରାମ, ଦୀପଙ୍କର ଘୋଷ, ଅଭିଷେକ ସିହ୍ନା, ଲିଙ୍ଗରାଜ ବଡ଼େଇ, ମଞ୍ଜୁ ତପନ, ନବୀନ ବଡ଼େଇ, ଅନିରୁଦ୍ଧ କାଲୋ, ସତ୍ୟଭାମା ମେହେରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଚାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଏମ୍ ମାଇନିଂ ସତ୍ୟ ଭୂଷଣ ବାରିକ ସଭା ସଞ୍ଚାଳନ କରିଥିବା ବେଳେ ସବିତା ସେଠ୍ ଓ ଲିଜା ପ୍ରଧାନ ସାଂସ୍କୃତିକ ମଞ୍ଚ ସଞ୍ଚାଳନ କରିଥିଲେ । ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍.ସି.ଏଲ୍‌ର ୯ଟି ଖଣିକୁ ମିଳିଲା ୫ଷ୍ଟାର ରେଟିଙ୍ଗ ପୁରସ୍କାର




ବୁର୍ଲା : କୋଇଲା ମନ୍ତ୍ରଣାଳୟ ତରଫରୁ ବିଭିନ୍ନ କମ୍ପାନୀର ୨୪ ଟି ଖଣିକୁ ଦିଆଯାଇଥିବା ପଞ୍ଚ ତାରକା ରେଟିଙ୍ଗ ପୁରସ୍କାର ମଧ୍ୟରେ ଏମ୍.ସି.ଏଲ୍‌କୁ ସର୍ବାଧିକ ୯ଟି ଖଣିକୁ ପୁରସ୍କାର ମିଳିଛି । ଏହି ଖଣିମାନଙ୍କ ମଧରେ ହୀରାଖଣ୍ଡ ବୁନ୍ଦିଆ ଏବଂ ଓରିଏଣ୍ଟ କୋଲିଆରି ମାଇନ୍ ନମ୍ବର ୧ ଏବଂ ୨ ଅଣ୍ଡର ଗ୍ରାଉଣ୍ଡ ମାଇନ୍ସ ଏବଂ କୁଲ୍‌ଡା, ଅନନ୍ତା, ସମଲେଶ୍ୱରୀ, ଭୁବନେଶ୍ୱରୀ, ଲଜକୁରା, ବେଲପାହାଡ଼ ଏବଂ ଗୋପାଲଜୀ କଣିହାଁ ଏକ୍ସପେନସନ୍ ପ୍ରୋଜେକ୍ଟ ଓପନକାଷ୍ଟ ମାଇନ୍ସ ରହିଛି । ଏହାଛଡ଼ା ଏନ୍.ସି.ଏଲ୍‌କୁ ୬, ସିସିଏଲ୍‌କୁ ୨, ଡବ୍ଲ୍ୟୁସିଏଲ୍‌କୁ ୪, ଏସ୍.ଇ.ସିଏଲ୍‌କୁ ୨ ଏବଂ ଇସିଏଲ୍‌କୁ ଗୋଟିଏ ସାର୍ଟିଫିକେଟ୍ ମିଳିଛି । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି.କିଷନ ରେଡ୍ଡୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସତିଶ ଚନ୍ଦ୍ର ଦୁବେ ମୁମ୍ବାଇ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ଦେଇଛନ୍ତି । ଏମ୍.ସି.ଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ଏବଂ ସମ୍ପୃକ୍ତ ଖଣି ଅଞ୍ଚଳର ମହା ପ୍ରବନ୍ଧକମାନେ ଏଥିରେ ଯୋଗଦେଇ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ କୋଇଲା ବିଭାଗ ସଚିବ ବିକ୍ରମ ଦେବ ଦତ୍ତ, ଯୁଗ୍ମ ସଚିବ ରୂପେନ୍ଦ୍ର ବ୍ରାର ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟପାଳଙ୍କ ସମ୍ବଲପୁର ଗସ୍ତ ୧୨ ରେ



ସମ୍ବଲପୁର : ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଆସନ୍ତା ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ଗସ୍ତକାଳରେ ସେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ କମ୍ଭମ୍ପାଟି ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ବଲପୁର ଜିଲ୍ଲାକୁ ତାଙ୍କର ଏହା ପ୍ରଥମ ଗସ୍ତ ହେବ ।

## ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ




ମୁମ୍ବାଇ : 'ପଶ୍ଚିମ ଓଡ଼ିଶା ପରିବାର' ତରଫରୁ ଦାଦର ସ୍ଥିତ ବୀର ସାବରକର ପ୍ରେକ୍ଷାଳୟରେ ନୂଆଁଖାଇ ଭେଟ୍‌ଘାଟ୍ ଧୁମ-ଧାମ୍‌ରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ଆୟକର ବିଭାଗର ପ୍ରମୁଖ ମୁଖ୍ୟ କମିଶନର ହେମନ୍ତ ଜବାହରଲାଲ ମୁଖ୍ୟ ଅତିଥି, ପୂର୍ବତନ ସିଣ୍ଡିକେଟ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଆୟକର ବିଭାଗ, ମୁମ୍ବାଇର ଯୁଗ୍ମ କମିଶନର ସାରିଜା ଜୈନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ଜୁହାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପଦ୍ମପୁରର 'କହର' ସାଂସ୍କୃତିକ ଅନୁଷ୍ଠାନ ମନମୋହନ ସମ୍ବଲପୁରୀ ନାଚ ଗୀତ ପରିବେଷଣ କରିଥିଲେ । ପଶ୍ଚିମ ଓଡ଼ିଶା ପରିବାରର ସଦସ୍ୟମାନେ ସମ୍ବଲପୁରୀ ଫେସନ ଶୋ'ରେ ଭାଗ ନେଇଥିଲେ । ଶ୍ରୀକାନ୍ତ ଚାଟାର୍ଜୀ, ଦୀପକ ପୂଜାରୀ ଓ କବିତା ସାହାଣୀ ମଞ୍ଚ ପରିଚାଳନା କରିଥିଲେ । ମୁମ୍ବାଇରେ ରହୁଥିବା ୩୮୦ ପଶ୍ଚିମ ଓଡ଼ିଶାର ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁମ୍ବାଇ ପଶ୍ଚିମ ଓଡ଼ିଶା ପରିବାରର ନିରନ୍ତର ପ୍ରଚେଷ୍ଟାରେ ଗଣପର୍ବ ନୂଆଁଖାଇ ସବୁବର୍ଷ ପାଳିତ ହୋଇ ଆସୁଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ସମ୍ବଲପୁର : ସ୍ଥାନୀୟ ସହଯୋଗନଗର ବାସିନ୍ଦା ମାୟା ଧରଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ, ମେଳାପୀ ମହିଳା ଭାବେ ପରିଚିତ ମାୟା ଗତ କିଛି ମାସ ହେବ ବାର୍ଦ୍ଧକ୍ୟଜନିତ କାରଣରୁ ଚିକିତ୍ସାଧୀନ ଥିଲେ ।



ସେ ତାଙ୍କ ପୁଅ ଅଶୋକ ଧର, ସୁବ୍ରତ ଧର, ସୁକାନ୍ତ ଧର, ବୋହୂ ସହେଲି, ମମତା, ଅଞ୍ଜନା, ନାତି ଅୟଙ୍କ ଓ ଆଦର୍ଶକୁ ଛାଡି ଚାଲିଯାଇଛନ୍ତି । ରାଜଘାଟ ଠାରେ ଅନୁଷ୍ଠିତ ଅନ୍ତ୍ୟେଷ୍ଟିକ୍ରିୟାରେ ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra